ODIA DAILY EDITION
03.09.2025
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ସେପ୍ଟେମ୍ବର-୦୩, ୨୦୨୫
ବର୍ଷ-୩୭, ସଂଖ୍ୟା-୫୯
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

### କଂଗ୍ରେସ ଓ ଆରଜେଡି ଉପରେ ବର୍ଷିଲେ ମୋଦୀ

## ଏ ଗାଳି ମୋ ମା'ଙ୍କୁ ନୁହେଁ ପ୍ରତି ମା'ଙ୍କୁ ଅପମାନ



### ବିହାରବାସୀ କେବେ କ୍ଷମା କରିବେନାହିଁ : ପ୍ରଧାନମନ୍ତ୍ରୀ

### ୪ରେ ଏନ୍‌ଡିଏର ବିହାର ବନ୍ଦ

**ନୂଆଦିଲ୍ଲୀ, ୨।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଉପରେ କଡ଼ା ଆକ୍ରମଣ କରି କହିଛନ୍ତି ଯେ, ସେମାନେ ମୋର ସ୍ୱର୍ଗତ ମାଆଙ୍କ ଅପମାନ କରିଛନ୍ତି ଓ ଏହା କେବଳ ମୋର ମାଆଙ୍କୁ ନୁହେଁ, ଦେଶର କୋଟି କୋଟି ମାଆ, ଭଉଣୀ ଓ ଝିଅମାନଙ୍କ ଅପମାନ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ବ୍ୟକ୍ତିଗତ ଭାବେ ରାଜନୈତିକ ପ୍ରତିଦ୍ୱନ୍ଦୀମାନଙ୍କୁ କ୍ଷମା କରିପାରନ୍ତି, କିନ୍ତୁ ବିହାରର ଜନତା ମୋର ମାଆଙ୍କ ଅପମାନକୁ କେବେ ବରଦାସ୍ତ କରିବେ ନାହିଁ।

ପ୍ରଧାନମନ୍ତ୍ରୀ ଏହି ମନ୍ତବ୍ୟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକା ନିଧି ସାଖ ସହକାରୀ ସଂଘ ଲିମିଟେଡ୍ ର ଉଦ୍‌ଘାଟନ ବେଳେ କହିଛନ୍ତି। ଏହି ଅବସରରେ ସେ ଏହି ସଂସ୍ଥାର ବ୍ୟାଙ୍କ ଖାତାକୁ ୧୦୫ କୋଟି ଟଙ୍କା ମଧ୍ୟ ହସ୍ତାନ୍ତର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲକ୍ଷାଧିକ ମହିଳା ଉପସ୍ଥିତ ଥିଲେ ଓ ପ୍ରଧାନମନ୍ତ୍ରୀ ସେମାନଙ୍କ ସହିତ ସଂବାଦ କରିଥିଲେ, ଏବଂ ଏହି ସମୟରେ ସେ ଅନେକଥର ଭାବୁକ ହୋଇପଡ଼ିଥିଲେ।

ସେ ତାଙ୍କର ଉଦ୍‌ବୋଧନ ଆରମ୍ଭ କରି କହିଥିଲେ ଯେ, 'ବିହାରର ମାଟି ହେଉଛି ମାତୃଶକ୍ତିର ପୂଜା କରାଯାଉଥିବା ଧରିତ୍ରୀ। ଏଠି ଛଟ୍ ମହାପର୍ବ ଓ ସତବହିନୀ ପୂଜା ପରମ୍ପରା ନାରୀ ସମ୍ମାନର ପ୍ରତୀକ। ଏମିତି ପବିତ୍ର ଭୂମିରେ କଂଗ୍ରେସ ଓ ଆରଜେଡିର ମଂଚରୁ ମୋର ସ୍ୱର୍ଗତ ମାଆଙ୍କ ବିପରୀତ ଅପମାନଜନକ ଶବ୍ଦ ବ୍ୟବହାର କରାଯାଇଛି। ଏହି କେବଳ ମୋର ମାଆଙ୍କ ଅପମାନ ନୁହେଁ, ଏହି ଦେଶର ପ୍ରତ୍ୟେକ ମାଆ, ପ୍ରତ୍ୟେକ ଭଉଣୀ, ପ୍ରତ୍ୟେକ ଝିଅଙ୍କ ଅପମାନ। ଭାରତ ମାତାର ସନ୍ତାନମାନେ ଏହା କେବେ ବରଦାସ୍ତ କରିପାରିବେ ନାହିଁ।'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କ ପ୍ରତି ଦିଆଯାଇଥିବା ଅଶାଳୀନ ଟିପ୍ପଣୀର ତୀବ୍ର ପ୍ରତିବାଦ କରି ଏନଡିଏ ବିହାର ବନ୍ଦ ଡାକରା ଦେଇଛି । ମଙ୍ଗଳବାର ପାଟନାରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି । ଏନଡିଏ ନେତା ମାନେ କହିଛନ୍ତି ଯେ, ସେପ୍ଟେମ୍ବର ୪ ତାରିଖ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିହାର ବନ୍ଦ ରହିବ ।

ଏନଡିଏ ସ୍ପଷ୍ଟ କରିଛି ଯେ, ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେବ ନାହିଁ । ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ଉପାୟରେ ଆୟୋଜିତ ହେବ । ବିଜେପି ରାଜ୍ୟ ସଭାପତି ଦିଲୀପ ଜୟ ସୱାଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମାଆଙ୍କୁ ଯେପରି ଅପମାନିତ କରାଯାଇଛି, କୋଟି କୋଟି ଲୋକଙ୍କ ଭାବନାକୁ ତାହା ଆଘାତ ଦେଇଛି। ଏନଡିଏର ସମସ୍ତ ସାଂଗଠନିକ ଦଳ ଏହି ଲଜ୍ଜାଜନକ ବୟାନର ଦୃଢ଼ ବିରୋଧ କରିବେ ।

ଘୋଷଣା ଅନୁଯାୟୀ, ବନ୍ଦର କମାଣ୍ଡ ବିଜେପି ମହିଳା ମୋର୍ଚ୍ଚାକୁ ଦିଆଯାଇଛି । ମହିଳା ମୋର୍ଚ୍ଚାର କର୍ମୀମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦର ନେତୃତ୍ୱ ନେବେ ।

# ଦିଲ୍ଲୀରେ ଚମକିଲା ଓଡ଼ିଶା ଚିପ୍

### ଦେଶକୁ ମିଳିଲା ଓଡ଼ିଶା ତିଆରି ସେମିକଣ୍ଡକ୍ଟର ଚିପ୍

### ପ୍ରଧାନମନ୍ତ୍ରୀଙ୍କ ହାତରେ ଦେଲେ ଅଶ୍ୱିନୀ ବୈଷ୍ଣବ



**ନୂଆଦିଲ୍ଲୀ, ୨।୯:** ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦେଶର ପ୍ରଥମ ସେମିକଣ୍ଡକ୍ଟର ଚିପ୍‌କୁ ଉନ୍ମୋଚନ କରାଯାଇଛି । ସବୁଠାରୁ ବଡ଼କଥା ହେଲା, ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ପ୍ରସ୍ତୁତ ୩ଟି ସେମିକଣ୍ଡକ୍ଟର ଚିପ୍ ଭେଟି ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ନୂଆଦିଲ୍ଲୀରେ ଆୟୋଜିତ ସେମିକନ୍ ଇଣ୍ଡିଆ-୨୦୨୫ରେ ଏହି ଚିପ୍ ପ୍ରଦାନ କରାଯାଇଛି । ଏନ୍‌ଆଇଟି ରାଉରକେଲାରେ ପ୍ରସ୍ତୁତ ୨ଟି ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ପ୍ରସ୍ତୁତ ଗୋଟିଏ ଚିପ୍ ପ୍ରଦାନ କରିଛନ୍ତି ଅଶ୍ୱିନୀ ବୈଷ୍ଣବ । ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚାରିଟି ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପର 'ବିକ୍ରମ' ୩୨-ବିଟ୍ ପ୍ରୋସେସର୍ ଓ ପରୀକ୍ଷଣ ଚିପ୍ସ ପ୍ରଦାନ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାମିଲ ହୋଇଛନ୍ତି । ସେମିକନ୍ ଇଣ୍ଡିଆ-୨୦୨୫ରେ ଓଡ଼ିଶା ପାଭିଲିୟନକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶ ସୁଯୋଗ ରହିଥିବାରୁ ଏଥିରେ ସାମିଲ ହୋଇ କିପରି ଓଡିଶା ଭାଗିଦାରୀ ହୋଇପାରିବ ସେନେଇ ପ୍ରସ୍ତାବ ରଖିଛନ୍ତି । ସେମିକନ୍ ଇଣ୍ଡିଆ ୨୦୨୫ର ଐତିହାସିକ ମୁହୂର୍ତ୍ତରେ ଓଡ଼ିଶା ଭାଗୀଦାର ହୋଇପାରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ବଡ଼ ସମ୍ଭାବନା ରହିଛି ।

ଭୁବନେଶ୍ୱରରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି କରିଛି । ଏଥିପାଇଁ ୧ ହଜାର ୯୪୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ସୂଚନାଯୋଗ୍ୟ. ଅଗଷ୍ଟ ୨୮ ତାରିଖରେ, ବୈଷ୍ଣବ ସାନନ୍ଦରେ ସିଜି ସେମିର ପାଇଲଟ୍ ଲାଇନର ଉଦଘାଟନ କରିଥିଲେ। ସେଠାରେ ଏହି ଚିପ୍ ତିଆରି କରାଯାଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦେଶରେ ପାଞ୍ଚଟି ସେମିକଣ୍ଡକ୍ଟର ୟୁନିଟ୍ ନିର୍ମାଣ ଚାଲିଛି, ଯେଉଁଥିରୁ ଗୋଟିଏର ପାଇଲଟ୍ ଲାଇନ ସମ୍ପୂର୍ଣ୍ଣ ହୋଇଛି ଏବଂ ଅନ୍ୟ ଦୁଇଟି ଖୁବ୍ ଶୀଘ୍ର ଉତ୍ପାଦନ ଆରମ୍ଭ କରିବ। ଏହା ଭାରତର ସେମିକଣ୍ଡକ୍ଟର ଆତ୍ମନିର୍ଭରଶୀଳତା ଦିଗରେ ଏକ ବଡ଼ ପଦକ୍ଷେପ। ସେ ଏହା ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଚିନ୍ତାଧାରା ଯୋଗୁଁ ଭାରତ ସେମିକଣ୍ଡକ୍ଟର ମିଶନ ଆରମ୍ଭ କରିଛି ଏବଂ ମାତ୍ର ସାଢ଼େ ତିନି ବର୍ଷ ମଧ୍ୟରେ ବିଶ୍ୱ ସ୍ତରରେ ଭାରତ ପ୍ରତି ବିଶ୍ୱାସ ବୃଦ୍ଧି ପାଇଛି।

### ଭାରତର ସେମିକଣ୍ଡକ୍ଟର ଉତ୍ପାଦନ ବିଶ୍ୱସ୍ତରରେ ୧୫ରୁ ୩୦% ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇପାରିଛି : ବୈଷ୍ଣବ

ଏହି ଅବସରରେ ବିଶ୍ୱ ନିବେଶକମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ଭାରତର ସ୍ଥିର ନୀତି ଏବଂ ବର୍ଦ୍ଧିତ ଘରୋଇ ଚାହିଦା ନିବେଶ ପାଇଁ ଆଦର୍ଶ। ଗତ ଦଶନ୍ଧିରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଛଅ ଗୁଣା ବୃଦ୍ଧି ପାଇଛି ଏବଂ ଆଠ ଗୁଣା ରପ୍ତାନି ହୋଇଛି। ଉଲ୍ଲେଖନୀୟ ଯେ, 'ବିକ୍ରମ' ପ୍ରୋସେସର ଭାରତର ସେମିକଣ୍ଡକ୍ଟର ମହତ୍ୱାକାଂକ୍ଷାର ଆରମ୍ଭ ମାତ୍ର। ବାଷ୍ଟିଅନ୍ ରିସର୍ଚ୍ଚ ରିପୋର୍ଟ ଅନୁଯାୟୀ, ବିଶ୍ୱର ପ୍ରାୟ ୨୦% ଚିପ୍ ଡିଜାଇନ୍ ଇଞ୍ଜିନିୟର ଭାରତରେ କାର୍ଯ୍ୟକରୁଛନ୍ତି, ଯାହା ଭାରତକୁ ବିଶ୍ୱ ସେମିକଣ୍ଡକ୍ଟର ଡିଜାଇନ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର କରିଛି।

### ରାଷ୍ଟ୍ରର ଆତ୍ମନିର୍ଭରତା ଦିଗରେ ଐତିହାସିକ ଉପଲବ୍ଧି: ମୋହନ

**ଭୁବନେଶ୍ୱର, ୨।୯:** ମୁଖ୍ୟମନ୍ତ୍ରୀ ମୋହନ ମାଝି ଭାରତରେ ତିଆରି ହୋଇଥିବା ପ୍ରଥମ ସେମିକଣ୍ଡକ୍ଟର ଚିପ୍‌ସକୁ ଦେଶର ସ୍ୱାବଲମ୍ବନ ଦିଗରେ ଏକ ଐତିହାସିକ ଉପଲବ୍ଧି ବୋଲି ବର୍ଣ୍ଣନା କରିଛନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କର ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, "ଏହା କେବଳ ଏକ ପ୍ରଯୁକ୍ତିଗତ ଉପଲବ୍ଧି ନୁହେଁ, ବରଂ ଏହା ଏକ କୌଶଳିକ ଓ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଏକ ନିଷ୍ପତ୍ତିକାରୀ ପଦକ୍ଷେପ ଅଟେ। ଆମଦାନୀ ଉପରେ ନିର୍ଭରତା କମାଇ ଓ ଘରୋଇ ଉତ୍ପାଦନକୁ ଶକ୍ତିଶାଳୀ କରି ଏହି ସଫଳତା ଭାରତକୁ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉଦୟମାନ ବିଶ୍ୱ କେନ୍ଦ୍ର ଭାବେ ପରିଚୟ ଦେଉଛି।" ସେ କହିଛନ୍ତି, "ଏହି ଐତିହାସିକ କ୍ଷଣ ଭାରତର ଦୃଢ଼ ଦୃଷ୍ଟିକୋଣ, ଧୈର୍ଯ୍ୟ ଓ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ପ୍ରତି ଅତୁଟ ପ୍ରତିବଦ୍ଧତାର ପ୍ରମାଣ।"

## ଶ୍ରୀମନ୍ଦିର ପତିତପାବନବାନା ଉପରେ ବସିଲା ଚିଲ

**ପୁରୀ, ୨।୯:** ପୁରୀ ଶ୍ରୀମନ୍ଦିରରେ ମଙ୍ଗଳବାର ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଶ୍ରୀମନ୍ଦିର ନୀଳଚକ୍ର ଉପରେ ହଠାତ୍ ଏକ ଚିଲ ବସିଥିବା ଦେଖାଯାଇଥିଲା । ପତିତପାବନବାନା ଉପରେ ଚିଲଟି ବସିଥିଲା । ଦୀର୍ଘ ସମୟ ଧରି ନୀଳଚକ୍ର ଉପରେ ଚିଲଟି ବସିବା ପରେ ସେଠାରୁ ଉଡି ଯାଇଥିଲା । ବଡଦାଣ୍ଡରେ ଲୋକେ ଏକାଠି ହୋଇ ଚିଲଟି ବସିଥିବାର ଦୃଶ୍ୟ ଦେଖିବା ସହ କେହି କେହି ମୋବାଇଲରେ ଫଟୋ ଓ ଭିଡିଓ କରିଥିଲେ ।

## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଡପଲର ରାଡାର ସିଷ୍ଟମ

**ଭୁବନେଶ୍ୱର, ୨।୯:** ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଡପଲର ରାଡାର ସିଷ୍ଟମ । ଖୁବଶୀଘ୍ର ବାଲେଶ୍ୱର ଓ ସମ୍ବଲପୁର ରାଡାର ସିଷ୍ଟମ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ । ଭିତ୍ତିଭୂମି କାର୍ଯ୍ୟ ସରିଛି, ଖୁବକମ ଦିନରେ କାର୍ଯ୍ୟକ୍ଷମ ହେବ । ଯାହା ଦ୍ୱାରା ପାଣିପାଗର ନିଖୁଣ ଆକଳନ କରାଯାଇପାରିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

## ଛତିଶା ନିଯୋଗ ବୈଠକ ଶେଷ

### ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଅନୁମୋଦନ



**ପୁରୀ, ୨।୯:** ପୁରୀ ନୀଳାଦ୍ରି ଭକ୍ତନିବାସରେ ଆଜି ସନ୍ଧ୍ୟାରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେପ୍ଟେମ୍ବର ୭ ତାରିଖ ଚନ୍ଦ୍ରଗ୍ରହଣ ନୀତି ନିର୍ଘଂଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ ମିଳିଛି। ରାତ୍ର ୨ଟାରୁ ଫିଟିବ ଦ୍ୱାର । ୨ଟା ୪୦ରେ ମଙ୍ଗଳ ଆଳତି ବଢି ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ । ଦିନ ୧୨ଟା ୩୦ ସୁଦ୍ଧା ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବ । ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ବୈଠକ ପରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

**ରାତି ୨ଟାରୁ ଦ୍ୱାରଫିଟା**

ଅନ୍ୟପକ୍ଷରେ ସେ କହିଛନ୍ତି ଯେ, ସେପ୍ଟେମ୍ବର ୧୫ରୁ ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବାକୁ ଥିବାରୁ ଏଥିପାଇଁ କିଭଳି ପ୍ରସ୍ତୁତି ହେବ ସେନେଇ ବୈଠକରେ ଆଲୋଚନା ହୋଇଛି । ପରୀକ୍ଷାମୂଳକ ଭାବେ ପ୍ରଥମେ ଧାଡ଼ି ଦର୍ଶନ ହେବ । ସମସ୍ତ ନିଯୋଗ ସହିତ ଏନେଇ ଆଲୋଚନା ହୋଇଛି । ଆସନ୍ତାକାଲି ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବ । ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାଁରେ ଅନଲାଇନରେ ଫେକ୍ ୱେବସାଇଟ ଖୋଲିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ପୋଲିସ ସହ ଆଲୋଚନା କରାଯାଇଛି ।

## ରାଜ୍ୟର ୨ ମେଡିକାଲ୍ କଲେଜ ପାଇଁ ୨୦୦ ଏମବିବିଏସ୍ ସିଟ୍ ମଞ୍ଜୁର

### ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨।୯:** ରାଜ୍ୟର ଦୁଇଟି ସରକାରୀ ମେଡିକାଲ କଲେଜ ପାଇଁ ୨୦୦ ଏମ୍ ?ବିବିଏସ୍ ଆସନ ଅନୁମୋଦିତ ହୋଇଛି । ଜାତୀୟ ମେଡିକାଲ କମିଶନ ଏଥିପାଇଁ ମଞ୍ଜୁରି ପ୍ରଦାନ ଦେଇଛି । ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ୧୦୦ ସିଟ୍ ଓ ତାଳଚେର ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜ ପାଇଁ ମଧ୍ୟ ୧୦୦ ସିଟ୍ ଅନୁମୋଦିତ ହୋଇଛି । ଚଳିତ ୨୦୨୫-୨୬ ଶିକ୍ଷା ବର୍ଷଠାରୁ ଏଠାରେ ପାଠ ପଢା ଆରମ୍ଭ ହେବ ।

ଜାତୀୟ ମେଡିକାଲ କମିଶନ୍ ଦ୍ୱାରା ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସ୍ୱାଗତ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି । ଗୋଟିଏ ବର୍ଷରେ ୨୦୦ ଓଡ଼ିଆ ଛାତ୍ରଛାତ୍ରୀ ଚଳିତ ଶିକ୍ଷା ବର୍ଷ ଠାରୁ ଡାକ୍ତରୀ ଶିକ୍ଷା ଗ୍ରହଣ କରି ପାରିବେ । ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଓ ସ୍ୱାସ୍ଥ୍ୟ ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରି ଚାଲିଛନ୍ତି । ଏହି ମଞ୍ଜୁରୀ ଦ୍ୱାରା ସରକାରଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅନୁମତି ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ସେହିପରି ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏକ୍ସରେ ସେ ଲେଖିଛନ୍ତି, 'ଫୁଲବାଣୀ ମେଡିକାଲ କଲେଜ ଏବଂ ତାଳଚେରର ପବିତ୍ର ମୋହନ ମେଡିକାଲ କଲେଜରେ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ୨୦୦ ଏମବିସିଏସ ସିଟରେ ନାମ ଲେଖା ଆରମ୍ଭ କରିବା ପାଇଁ Letter of Permission (LOP) ପ୍ରଦାନ ସହ ସିଟ୍ ସଂଖ୍ୟା ବୃଦ୍ଧିକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି ।

| | |
|---|---|
| ସେନ୍‌ସେକ୍ସ | ୮୦,୧୫୭ |
| ନିଫ୍ଟି | ୨୪,୫୭୯ |
| ସୁନା/୧୦ଗ୍ରା | ୧,୦୭,୫୫୫ |
| ରୂପା/କିଗ୍ରା | ୧,୧୭,୦୦୦ |
| ଡଲାର | ୮୮.୦୭ |

## ପାଣିପାଗ

| ସର୍ବାଧିକ | |
|---|---|
| ଭୁବନେଶ୍ୱର: | ୨୮.୬° |
| କଟକ: | ୨୮.୯° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୬.୪° |
| କଟକ: | ୨୫.୭° |

## ଆଜିଠାରୁ ଜିଏସଟି ପରିଷଦର ୨ ଦିନିଆ ବୈଠକ




**ମଧ୍ୟବିତ୍ତଙ୍କ ଉପରେ କମିବ ମହଙ୍ଗାମାଡ଼**

**ନୂଆଦିଲ୍ଲୀ, ୨।୯:** ମଧ୍ୟବିତ୍ତଙ୍କୁ ବଡ ଆଶ୍ୱସ୍ତି ମିଳିବାକୁ ଯାଉଛି । ଯେଉଁ ମଧ୍ୟବିତ୍ତ ପରିବାର ଦରଦାମ ବୃଦ୍ଧିରେ ଅଣନିଃଶ୍ୱାସୀ ହୋଇଥିଲା, ବର୍ତ୍ତମାନ ଏହା ଅନେକାଂଶରେ କମ ହେବାକୁ ଯାଉଛି । କାରଣ ସରକାର ଦୀପାବଳୀ ପୂର୍ବରୁ ଜିଏସଟିରେ ବଡ ପରିବର୍ତ୍ତନ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର । ସାରା ଦେଶର ନଜର ବର୍ତ୍ତମାନ ଜିଏସଟି ବୈଠକ ଉପରେ ରହିଛି ।

ବୁଧବାର ଓ ଗୁରବାର ଦିଲ୍ଲୀରେ ଜିଏସଟି ପରିଷଦର ବୈଠକ ହେବାକୁ ଯାଉଛି । ଅର୍ଥାତ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ । ଏହା ପୂର୍ବରୁ ଆଜି ଦିଲ୍ଲୀରେ ରାଜ୍ୟ ଜିଏସଟି ଅଧିକାରୀଙ୍କ ବଡ ବୈଠକ ହୋଇଛି । ଏଥିରେ ଜିଏସଟି ଦରରେ କଣ ପରିବର୍ତ୍ତନ ହେବ ସେହି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଅଗଷ୍ଟ ୧୫ ସାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସଟିରେ ପରିବର୍ତ୍ତନ ହେବ ବୋଲି ସଙ୍କେତ ଦେଇଥିଲେ ।

ଜିଏସଟି ବୈଠକରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଦିଲ୍ଲୀ ଗସ୍ତରେ ଅଛନ୍ତି । ତେବେ ସ୍ଲାବରେ ପରିବର୍ତ୍ତନ ପାଇଁ ଜିଏସଟି ପରିଷଦ ଅନୁମୋଦନ କଲେ ଅନେକ ସାମଗ୍ରୀ ଶସ୍ତା ହେବ ଓ ଅନେକ ମହଙ୍ଗା ବି ହେବ । ସମାପ୍ତ ହୋଇପାରେ ଜିଏସଟିର ୧୨ % ଓ ୨୮% ସ୍ଲାବ ଓ ରହିପାରେ ୫%, ୧୮% ଓ ୪୦% ସ୍ଲାବ । ୧୭୫ ସାମଗ୍ରୀର ଜିଏସଟି ଦର ହ୍ରାସ ହେବା ସମ୍ଭାବନା । ସ୍ୱାସ୍ଥ୍ୟ ଓ ଜୀବନ ବୀମାର ପ୍ରିମିୟମରୁ ହଟିପାରେ ଜିଏସଟି । ଟିଭି, ଏସି, ଫ୍ରିଜ, ୱାଶି ମେସିନ, ସିମେଣ୍ଟ ହୋଇପାରେ ଶସ୍ତା ହୋଟେଲ ବିଲ ଉପରୁ ହଟିପାରେ ଜିଏସଟି । କପଡା, ପୋଷାକ, ଜୋତା, ଚପଲ, ଷ୍ଟେସନାରୀ ଆଇଟମ୍, ଘରକରଣା ଜିନିଷ ହୋଇପାରେ ଶସ୍ତା । ଦୁଇ ଚକିଆ ଯାନ, କାର , ଘର ନିର୍ମାଣ ସାମଗ୍ରୀ ହୋଇପାରେ ଶସ୍ତା ଓ ପ୍ରଶାଧନ ସାମଗ୍ରୀ, ଗୁଟଖା ଓ ମାଦକ ଦ୍ରବ୍ୟ ହୋଇପାରେ ମହଙ୍ଗା ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା

### ଛାତ୍ରବାସ ଫାଟକରେ ଝୁଲିଲା ତାଲା

**ଭୁବନେଶ୍ୱର, ୨।୯:** ଉଚ୍ଚ ଶିକ୍ଷା ପାଇଁ ରାଜ୍ୟର ଅନ୍ୟତମ ଶିକ୍ଷାର ମନ୍ଦିର 'ଉତ୍କଳ ବିଶ୍ୱବିଦ୍ୟାଳୟ'ରେ ଆଜି ସନ୍ଧ୍ୟାରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି। ଏଠାରେ ଅଣଛାତ୍ରମାନେ ହଷ୍ଟେଲ-୧ 'ଗୋପବନ୍ଧୁ ଛାତ୍ରବାସ'ର ଫାଟକରେ ତାଲା ପକାଇ ଦେଇଛନ୍ତି। ହଷ୍ଟେଲ ୱାର୍ଡେନକୁ ଭିତରକୁ ପ୍ରବେଶ କରିବା ପାଇ ଦେଉନହାନ୍ତି୍ଷ ଘଟଣାସ୍ଥଳରେ ପରିସ୍ଥିତି ଉତ୍ତେଜନା ଥିବାରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି।



ଆସନ୍ତାକାଲି ସମସ୍ୟାର ସମାଧାନ ପାଇଁ ବାଟ ଫିଟିପାରେ ବୋଲି ଅନୁମାନ କରାଯାଉଛି।

## ଅର୍ଦ୍ଧଦଗ୍ଧ ଅବସ୍ଥାରେ ମହିଳା ଉଦ୍ଧାର

**ସାଲେପୁର, ୨।୯:** କଟକ ଜିଲା କଂକ୍ରେଇଲୋ ଗାଁରେ ଘର ଭିତରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମହଳାଙ୍କ ଦେହରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ମହିଳା ଜଣକ ନିଜେ ଜଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନା ତାଙ୍କୁ କେହି ନିଆଁ ଲଗାଇ ଜାଳି ଦେବାକୁ ଉଦ୍ୟମ କରାଯାଇଛି ତାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ହାଲ୍‌ଚାଲ୍



ଲଘୁଚାପ ଘନୀଭୂତ ହୋଇ
ପ୍ରବଳ ବରର୍ଷା ହୋଇଲା
ସକାଳୁ ଛେଚିବା ଆରମ୍ଭ କଲା
ରାସ୍ତାରେ ବନ୍ୟାର ଭ୍ରମ ହେଲା
ପାଞ୍ଚଦିନ ଯାଏ ବରଷିବ
ପାଣିପାଗ ବିଭାଗ କହିଲା ।

## ସାରା ରାଜ୍ୟରେ ପ୍ରବଳ ବର୍ଷା ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

- ୫ ଯାଏ ବର୍ଷିବ
- ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨।୯:** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଫଳରେ ସାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୪ ଜିଲ୍ଲା ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ଷା ପାଇଁ ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, କଟକ, କୋରାପୁଟ, ନବରଙ୍ଗପୁର ଜିଲ୍ଲାକୁ ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଆଜି ସକାଳୁ ରାଜ୍ୟର ଟୁଇନ୍ ସିଟି ସମେତ ବିଭିନ୍ନ ଜିଲ୍ଲାରେ ତୁହାକୁ ତୁହା ବର୍ଷା ହୋଇଥିଲା । ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ସାରା ରାଜ୍ୟରେ ମେଘୁଆ ପାଗ ସାଙ୍ଗକୁ ବର୍ଷା ହେଉଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଘନୀଭୂତ ହୋଇ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ।



ପ୍ରବଳ ବର୍ଷା ପାଇଁ ବୈତରଣୀ, ବୁଢ଼ାବଳଙ୍ଗ, ଜଳକା ଓ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ନଦୀରେ ଜଳ ବୃଦ୍ଧି ପାଇବା ଆଶଙ୍କା ରହିଛି ତେବେ ବର୍ଷା ହେଲେ ସତର୍କ ସଂକେତ ଉପରକୁ ଯିବ କିନ୍ତୁ ଆଜି ବର୍ଷା ନ ହେଲେ ବିପଦ ସଂକେତ ଟପିବନି ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟର କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ ବୋଲି ସେ ସୂଚନା ଦେଇଛନ୍ତି । ବର୍ଷାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ରହିଛି ।

ରାଜ୍ୟରେ ଲଗାତାର ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢିଛି । ହେଲେ ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ପାଣିପାଗ ବିଭାଗର ଆକଳନ ଅନୁସାରେ ୧ ରୁ ୫ ତାରିଖ ଲଘୁଚାପ ସୃଷ୍ଟି ହେବ । ଆଜି ସକାଳ ୫.୩୦ ରେ ବଙ୍ଗୋପ ସାଗରର ଉତ୍ତର ପଶ୍ଚିମ ଦିଗରେ ଲଘୁଚାପ ସୃଷ୍ଟି ହୋଇଛି । ଏହି କାରଣରୁ ଓଡ଼ିଶାର ୩୦ ଜିଲ୍ଲାରେ ୪୦ରୁ ୪୫ କିମି ପବନ ସହ ବର୍ଷା ହେବ ।

### ୪ କୋଟି ଅର୍ଥ ହେରଫେର ଘଟଣା

## ନିଲମ୍ବିତ ତହସିଲଦାର ଗିରଫ



**ବାରିପଦା, ୨।୯:** ଦୁର୍ନୀତି ପାଇଁ ମୟୁରଭଞ୍ଜ ଜିଲ୍ଲାର ଜାମଦା ତହସିଲଦାର ମଧୁସ୍ମିତା ସିଂ ଗିରଫ ହୋଇଛନ୍ତି। ୪କୋଟି ସରକାରୀ ଟଙ୍କା ଆର୍ଥିକ ହେରଫେର ନେଇ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତାଙ୍କୁ ଗିରଫ କରିଛନ୍ତି। ତାଙ୍କୁ ରାଜ୍ୟ ସରକାର ସରକାରୀ ଚାକିରିରୁ ନିଲମ୍ବନ କରିବା ପରେ ମଙ୍ଗଳବାର ସେ ଗିରଫ ହୋଇଛନ୍ତି।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ପୌରପାଳିକାରେ ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ କାର୍ଯ୍ୟରତ ଥିବା ବେଳେ ଦୁର୍ନୀତି କରିଛନ୍ତି। ଯାହାକୁ ସ୍ୱତନ୍ତ୍ର ଅଡିଟ୍ ଯାଂଚ୍ କରି ରାଜସ୍ୱ ବିଭାଗ ପାଖରେ ରିପୋର୍ଟ ଦାଖଲ କରିଥିଲେ। ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ପ୍ରଥମେ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୁତି ସାହୁକୁ ଗିରଫ କରିଥିଲେ। ଏହାପରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ଆର୍ଥିକ ଅନିୟମିତତା ଯୋଗୁଁ ଭିଜିଲାନ୍ସ କୋର୍ଟରେ ମଧୁମିତା ସିଂ ଦଣ୍ଡିତ ହେବା ପରେ ଗତ ଅଗଷ୍ଟ ୩୦ ତାରିଖରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା।

CMYK

# ହ୍ୟାଲୋ ବଲିଉଡ୍

## ନୂଆ ଲୁକ୍‌ରେ ଭାଇଜାନ



ବଲିଉଡ୍ ସୁପର୍‌ଷ୍ଟାର ସଲ୍‌ମାନ୍ ଖାନ୍‌ଙ୍କ ନୂଆ ଲୁକ୍ ଆପଣ ଦେଖିଲେଣି ? ସେ ଆଗ ଅପେକ୍ଷା ବେଶ୍ ପତଳା ଦିଶୁଛନ୍ତି। ଢେର୍ ଦିନର କସରତ ଓ ବ୍ୟାୟାମ ପରେ ସେ ଏଇ ଚେହେରା ପାଇଛନ୍ତି । କେବଳ ସେତିକି ନୁହେଁ, ସଲ୍‌ମାନ୍ ଫାଷ୍ଟଫୁଡ୍ ଭଳି ଅଧିକ ତେଲ ଓ ଚର୍ବିଯୁକ୍ତ ଖାଦ୍ୟରୁ ବି ଦୂରେଇ ଯାଇଛନ୍ତି । ତାଙ୍କର ଆଗାମୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍' ପାଇଁ ଏଭଳି ପ୍ରସ୍ତୁତି କରିଛନ୍ତି ସେ । ଏହି ଫିଲ୍ମର ସୁଟିଂ ଲେହ୍-ଲଦାଖ୍ ଭଳି ଥଣ୍ଡା ଓ ସୁଉଚ୍ଚ ସ୍ଥାନରେ ହେଉଥିବାରୁ ଶାରୀରିକ ଫିଟ୍‌ନେସ୍ ବଜାୟ ରଖିବା ପାଇଁ ସଲ୍‌ମାନ୍ ଖୁବ୍ ପରିଶ୍ରମ କରିଛନ୍ତି। ଏଥିପାଇଁ ଜଣେ ସ୍ୱତନ୍ତ୍ର ଟ୍ରେନର୍‌ଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥିଲା। ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶିତ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ଟିଜର୍ ଆସିବା ପରଠାରୁ ପ୍ରଶଂସକମାନେ ସଲ୍‌ମାନ୍‌ଙ୍କୁ ପୁଣିଥରେ ଆକ୍‌ସନ୍ ରୋଲ୍‌ରେ ପରଦାରେ ଦେଖିବା ପାଇଁ ଉତ୍ସାହିତ ହୋଇପଡ଼ିଛନ୍ତି। ଭାରତ ଓ ଚୀନ୍ ସେନା ମଧ୍ୟରେ ଗଲ୍‌ୱାନ୍ ଘାଟିରେ ହୋଇଥିବା ସମ୍ମୁଖ ଲଢ଼େଇ ଉପରେ ଆଧାରିତ ଏହି ଫିଲ୍ମରେ ସଲ୍‌ମାନ୍ ମୁଖ୍ୟ ଭୂମିକାରେ ଅଛନ୍ତି। ପୂର୍ବରୁ ଫିଲ୍ମର ସୁଟିଂ ବାତିଲ୍ ହୋଇଥିବା ନେଇ ଖବର ଆସିଥିଲା। ହେଲେ ଏବେ ସଲ୍‌ମାନ୍ ଫିଲ୍ମ ପାଇଁ ସୁଟିଂ ଆରମ୍ଭ କରିଦେଇଛନ୍ତି। ଏବେ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ପୂରା ଟିମ୍ ଲଦାଖ୍‌ରେ କ୍ୟାମ୍ପ୍ କରିଛନ୍ତି। ନିର୍ଦ୍ଦେଶକ ଲାଖିଆ ଇନ୍‌ଷ୍ଟାରେ ପକାଇଥିବା ଏକ ଭିଡିଓରୁ ଏହା ଜଣାପଡ଼ିଛି। ଯଦିଓ ଫିଲ୍ମର ସୁଟିଂ ଆରମ୍ଭ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କୌଣସି ଆଧିକାରୀକ ସୂଚନା ଦିଆଯାଇନାହିଁ, କିନ୍ତୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିବା ଏକ ଫଟୋରୁ ଏହି ସୂଚନା ମିଳିଛି।

# ଇସ୍ତଫାର ୪୨ ଦିନ ପରେ ଉପରାଷ୍ଟ୍ରପତି ବାସଭବନ ଛାଡିଲେ ଧନଖଡ଼

**ନୂଆଦିଲ୍ଲୀ:** ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବେ ଦକ୍ଷିଣ ଦିଲ୍ଲୀର ଛତରପୁର ଅଞ୍ଚଳରେ ଅଭୟ ଚୌଟାଲାଙ୍କ ଫାର୍ମହାଉସରେ ରହିବେ। ଇସ୍ତଫା ଦେବାର ୪୨ ଦିନ ପରେ ସୋମବାର ସନ୍ଧ୍ୟା ୬ଟାରେ ସେ ଉପରାଷ୍ଟ୍ରପତିଙ୍କ ବାସଭବନ ଛାଡିଛନ୍ତି।

## ଅଭୟ ଚୌଟାଲାଙ୍କ ଫାର୍ମହାଉସରେ ରହିବେ

ଇଣ୍ଡିଆନ୍ ନ୍ୟାସନାଲ୍ ଲୋକଦଳର ମୁଖ୍ୟ ଅଭୟ ଚୌଟାଲା କହିଛନ୍ତି ଯେ, ଧନଖଡ଼ଙ୍କ ସହିତ ଆମ ପରିବାରର ପୁରୁଣା ସମ୍ପର୍କ ଅଛି। ଆମେ ତାଙ୍କୁ ଆମ ଘରେ ରହିବାକୁ ଅନୁରୋଧ କରିଥିଲୁ, ଯାହାକୁ ସେ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଜୁଲାଇ ୨୧ ତାରିଖରେ ମୌସୁମୀ ଅଧିବେଶନର ପ୍ରଥମ ଦିନ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ତାଙ୍କୁ ସାଧାରଣରେ ଦେଖାଯାଇନାହିଁ। ଏହି ସମୟ ମଧ୍ୟରେ ବିରୋଧୀ ଦଳ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି ବୋଲି ଅଭିଯୋଗ ଆଣିଥିଲେ। କିନ୍ତୁ ସରକାର ଏହାକୁ ଅସ୍ୱୀକାର କରିଥିଲେ ।



ଧନଖଡ଼ ଏପର୍ଯ୍ୟନ୍ତ ସଂସଦ ଭବନ ନିକଟସ୍ଥ ଉପରାଷ୍ଟ୍ରପତିଙ୍କ ଏନକ୍ଲେଭରେ ରହୁଥିଲେ। ତାଙ୍କର କାର୍ଯ୍ୟକାଳ ଅଗଷ୍ଟ ୧୦, ୨୦୨୭ ପର୍ଯ୍ୟନ୍ତ ଥିଲା। ଧନଖଡ଼ଙ୍କୁ ଟାଇପ୍-୮ ସରକାରୀ ବଙ୍ଗଳା ଆବଣ୍ଟିତ ନହେବା ପର୍ଯ୍ୟନ୍ତ ସେ ଅଭୟ ଚୌଟାଲାଙ୍କ ଫାର୍ମହାଉସରେ ରହିବେ । ଏହି ବଙ୍ଗଳା ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ଦିଆଯାଏ । ଧନଖଡ଼ଙ୍କ ନିକଟତମ ସୂତ୍ର ଅନୁସାରେ, ସେ ତାଙ୍କ ପରିବାର ସହିତ ସମୟ ବିତାଉଛନ୍ତି, ଟେବୁଲ ଟେନିସ୍ ଖେଳୁଛନ୍ତି ଏବଂ ଯୋଗ କରୁଛନ୍ତି। ନୂତନ ଉପରାଷ୍ଟ୍ରପତିଙ୍କ ଲାଗି ନିର୍ବାଚନ ସେପ୍ଟେମ୍ବର ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ଘଡଇ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକୃଷ୍ଣନ ପ୍ରାର୍ଥୀ କରିଥିବା ବେଳେ ବିରୋଧୀ ଇଣ୍ଡି ମେଣ୍ଟ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛି ।

ଧନଖଡ଼ ଏବଂ ଚୌଟାଲା ପରିବାର ମଧ୍ୟରେ ୪୦ ବର୍ଷ ପୁରୁଣା ସମ୍ପର୍କ ରହିଛି। ୧୯୮୯ ମସିହାରେ ହରିୟାଣାର ପ୍ରମୁଖ ଜାଟ ନେତା ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଚୌଧୁରୀ ଦେବୀ ଲାଲ, ଧନଖଡ଼ଙ୍କୁ ଭବିଷ୍ୟତର ନେତା ବୋଲି କହିଥିଲେ। ଧନଖଡ଼ ଦେବୀ ଲାଲଙ୍କୁ ତାଙ୍କର ରାଜନୈତିକ ଗୁରୁ ମାନନ୍ତି । ସେତେବେଳେ ଦିଲ୍ଲୀର ବୋଟ୍ କ୍ଲବରେ ଦେବୀ ଲାଲଙ୍କ ଜନ୍ମଦିନରେ ବିରୋଧୀ ରାଲି ପାଇଁ ଧନଖଡ଼ ରାଜସ୍ଥାନରୁ ୫୦୦ ଗାଡ଼ି ବ୍ୟବସ୍ଥା କରିଥିଲେ । ଏହା ପରେ ୧୯୮୯ ଲୋକସଭା ନିର୍ବାଚନରେ, ଦେବୀ ଲାଲ ଧନଖଡ଼ଙ୍କୁ ଝୁନଝୁନୁ ଆସନରୁ ଟିକେଟ୍ ଦେଇଥିଲେ। ସେ ନିଜେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଧ୍ୟ କରିଥିଲେ। ନିର୍ବାଚନରେ ବିଜୟୀ ହେବା ପରେ ଦେବୀଲାଲ ଉପପ୍ରଧାନମନ୍ତ୍ରୀ ହେଲେ, ଧନଖଡ଼ଙ୍କୁ ସରକାରରେ ମନ୍ତ୍ରୀ ପଦ ମଧ୍ୟ ମିଳିଥିଲା । ଯେତେବେଳେ ଭିପି ସିଂହ ଦେବୀଲାଲଙ୍କୁ କ୍ୟାବିନେଟରୁ ହଟାଇ ଦେଲେ, ଧନଖଡ଼ ଏକମାତ୍ର ମନ୍ତ୍ରୀ ଥିଲେ ଯିଏ ପ୍ରତିବାଦରେ ଇସ୍ତଫା ଦେଇଥିଲେ।

# ମୋଦି-ପୁଟିନଙ୍କୁ ଏକାଠି ଦେଖି ରାଗିଗଲେ ଟ୍ରମ୍ପଙ୍କ ପରାମର୍ଶଦାତା

**ନୂଆଦିଲ୍ଲୀ:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ ଗସ୍ତ ସାରି ଭାରତ ଫେରିଛନ୍ତି। ସେ ଝଉଙ୍ଗ ସମ୍ମିଳନୀ ସମୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ଏକ ବିଶେଷ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହାକୁ ନେଇ ଆମେରିକା ଟେନସନ। ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ ଏହି ମାମଲାରେ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ରୁଷ ସହିତ ନୁହେଁ, ଆମେରିକା ସହିତ ରହିବା ଉଚିତ।

'ଫ୍ରି ପ୍ରେସ୍ ଜର୍ଣ୍ଣାଲ୍'ର ରିପୋର୍ଟ ଅନୁଯାୟୀ, ପିଟର ନାଭାରୋ କହିଛନ୍ତି, 'ଭାରତ ରୁଷ ସହିତ ନୁହେଁ, ଆମ ସହିତ ରହିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହିତ କାମ କରୁଛନ୍ତି, ଏହା ଠିକ୍ ନୁହେଁ।' ଝଉଙ୍ଗ ସମ୍ମିଳନୀ ସମୟରେ ଜିନପିଙ୍ଗଙ୍କ ସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଖାଯାଇଥିଲା। ପୁଟିନଙ୍କୁ ମଧ୍ୟ ମୋଦିଙ୍କ ସହିତ ଦେଖାଯାଇଥିଲା। ଏହି ଦୁଇଜଣଙ୍କ ମଧ୍ୟରେ ଭଲ ଆଲୋଚନା ହୋଇଥିଲା। କିନ୍ତୁ ଆମେରିକା ଏଥିରେ ବିରକ୍ତ।



'ଆମ ସହ ରହିବା ଉଚିତ୍'

ପିଟର ନାଭାରୋ ମଧ୍ୟ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯିବା ଉପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଛନ୍ତି, 'ଭାରତ ସହିତ ଦୁଇ ପ୍ରକାରର ସମସ୍ୟା ଅଛି ଏବଂ ଏହି କାରଣରୁ ଶୁଳ୍କ ଲାଗୁ କରାଯାଇଛି। ପ୍ରଥମତଃ, ସେ ଅନୁଚିତ ବାଣିଜ୍ୟ କରୁଛନ୍ତି। ଏହି କାରଣରୁ, ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଛି ଏବଂ ଦ୍ୱିତୀୟତଃ, ସେ ରୁଷରୁ ତେଲ କିଣୁଛନ୍ତି। ଏହି କାରଣରୁ ମଧ୍ୟ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଛି।' ନାଭାରୋ କହିଛନ୍ତି ଯେ ଭାରତ ୟୁକ୍ରେନ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି। ସେ କହିଛନ୍ତି ଯେ ସେ ରୁଷରୁ ତେଲ କିଣୁଛନ୍ତି ଏବଂ ରୁଷ ଯୁଦ୍ଧରେ ନିଜର ରୋଜଗାର ବିନିଯୋଗ କରୁଛି। ଏହା ଉଲ୍ଲେଖନୀୟ ଯେ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ମାସ ମାସ ଧରି ଚାଲିଛି, କିନ୍ତୁ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନାହିଁ। ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ଏହାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ସେ ପୁଟିନ ଏବଂ ଜେଲେନ୍ସ୍କିଙ୍କ ସହ ଏକ ବୈଠକ ମଧ୍ୟ କରିଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ

**କେନ୍ଦୁଝର:** ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ଆଜି ପୂର୍ବାହ୍ନରେ ଯୋଗ ଦେଇଛନ୍ତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ । ସେ ଆଜି ଠାରୁ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ନେଇଛନ୍ତି । ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ତୁଲାଉଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କୁ ଆଗାମୀ ଛଅ ମାସ ଅବା ନୂତନ କୁଳପତିଙ୍କ ଯୋଗଦାନ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ରାଜଭବନ ପକ୍ଷରୁ ପ୍ରଦାନ କରାଯାଇଛି। ସେ ଜଣେ ସୁଦକ୍ଷ ଇଞ୍ଜିନିୟର ସହିତ ଜଣେ ପ୍ରତିଷ୍ଠିତ ଏକାଡ଼େମୀସିଆନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ। ତାଙ୍କର ଯୋଗଦାନରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦୁଝର:** ଜିଲ୍ଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୨ ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୭୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ସେଥିମଧ୍ୟରୁ ୪୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ।

# ୫୫ ହଜାର ଟଙ୍କାର ଜରିମାନା ଦେବ ସ୍ପାଇସଜେଟ୍

**ନୂଆଦିଲ୍ଲୀ:** ଯାତ୍ରୀଙ୍କୁ ଖାଇବା ପାଇଁ କେବଳ ବର୍ଗର-ଫ୍ରାଇଜ ଦେବା ପଡ଼ିଲା ମହଙ୍ଗା । ୫୫ ହଜାର ଟଙ୍କାର ଜରିମାନା ଦେବ ସ୍ପାଇସଜେଟ୍। ବିମାନରେ ଯାତ୍ରା କରୁଥିବା ଯାତ୍ରୀମାନେ ଆଶା କରନ୍ତି ଯେ, ସେମାନେ ସମୟସୀମା ମଧ୍ୟରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବ। କିନ୍ତୁ କେତେକ ସମୟରେ ପାଗ କିମ୍ବା ଅନ୍ୟାନ୍ୟ ପରିସ୍ଥିତି ଯୋଗୁଁ ବିଳମ୍ବ ହୋଇଥାଏ।ଏନେଇ ଯାତ୍ରୀମାନଙ୍କ ସୁବିଧା ପ୍ରତି ସମ୍ପୂର୍ଣ୍ଣ ଯତ୍ନ ନେବା ବିମାନ କମ୍ପାନୀର ଦାୟିତ୍ୱ। ସେମାନଙ୍କ ରହିବାଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କମ୍ପାନି ପକ୍ଷରୁ କରାଯିବା ଉଚିତ, କିନ୍ତୁ ବିମାନ କମ୍ପାନୀ ଏହି ଦାୟିତ୍ୱକୁ ଅଣଦେଖା କରୁଥିବା ନଜର ଆସିଛି। ଯାହାକୁ ନେଇ ଉପଭୋକ୍ତା କମିଶନ ନେଇଛି ଏଭଳି ନିଷ୍ପତ୍ତି ।



ମୁମ୍ବାଇର ଜିଲ୍ଲା ଉପଭୋକ୍ତା ବିବାଦ ନିବାରଣ କମିଶନ ଜଣେ ଯାତ୍ରୀଙ୍କ ସପକ୍ଷରେ ଏହି ରାୟ ଦେଇଛନ୍ତି। ଏହି ମାମଲାରେ, ସ୍ପାଇସଜେଟକୁ ୫୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀ ଜଣକ କମିଶନଙ୍କ ସମ୍ମୁଖରେ ନିବେଦନ କରିଥିଲେ ଯେ ବିମାନର ୧୪ ଘଣ୍ଟା ବିଳମ୍ବ ସମୟରେ ତାଙ୍କୁ କେବଳ ବର୍ଗର ଏବଂ ଫ୍ରାଇଜ ଦିଆଯାଇଥିଲା।କମିଶନ କହିଛନ୍ତି ଯେ,କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନ ଗନ୍ତବ୍ୟସ୍ଥଳରେ ବିଳମ୍ବରେ ପହଞ୍ଚିବା ସ୍ୱାଭାବିକ । କିନ୍ତୁ ସେ ପର୍ଯ୍ୟନ୍ତ କମ୍ପାନୀଗୁଡ଼ିକ ସେମାନଙ୍କର କର୍ତ୍ତବ୍ୟରୁ ଓହରିପାରିବେ ନାହିଁ। ସେମାନେ ଯେ କୌଣସି ପରିସ୍ଥିତିରେ ସେମାନଙ୍କର ଯାତ୍ରୀମାନଙ୍କର ଯତ୍ନ ନେବା ଉଚିତ । କମିଶନ ଆହୁରି କହିଛନ୍ତି ଯେ, ଏପରି ପରିସ୍ଥିତିରେ ଗ୍ରାହକଙ୍କ ପାଇଁ ଖାଦ୍ୟ, ପାଣି ଏବଂ ରହିବାର ଉପଯୁକ୍ତ ବ୍ୟବସ୍ଥା କରିବା ଜରୁରୀ। ଯାତ୍ରୀମାନଙ୍କୁ ଏ ବିଷୟରେ ସମସ୍ତ ସୂଚନା ଦେବା ଆବଶ୍ୟକ।

# ପୋଲିସ ହେପାଜତରୁ ଫେରାର୍ ଆପ ବିଧାୟକ

## ଦୁଷ୍କର୍ମ ଅଭିଯୋଗରେ ହୋଇଥିଲେ ଗିରଫ

**ନୂଆଦିଲ୍ଲୀ:** ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଆପ୍ ବିଧାୟକ ହରମିତ୍ ସିଂହ ପଠାଣମାଜରା ପୋଲିସ ହେପାଜତରୁ ଖସି ପଳାଇଛନ୍ତି। ଅଭିଯୋଗ ଅନୁସାରେ ମଙ୍ଗଳବାର ଗିରଫ ପରେ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ପଠାଣମାଜରା ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇଥିଲେ।

ଏହି ଘଟଣାରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ବିଧାୟକଙ୍କ ଉପରେ ତାଙ୍କ କାର ପୋଲିସ କର୍ମଚାରୀଙ୍କ ଉପରେ ଚଢ଼ାଇ ପଳାଇଥିବା ଅଭିଯୋଗ ହୋଇଛି। ସେ ଏବଂ ତାଙ୍କ ସମର୍ଥକ ଏକ ସ୍କର୍ପିଓ ଏବଂ ଏକ ଫର୍ଚ୍ଚୁନରରେ ପଳାଇଥିଲେ। ପୋଲିସ ଫର୍ଚ୍ଚୁନର କାରକୁ ଜବତ କରିଛି। ସ୍କର୍ପିଓରେ ଥିବା ବିଧାୟକ ଫେରାର୍ ଅଛନ୍ତି। ପଞ୍ଜାବ ପୋଲିସର ଏକ ଟିମ ତାଙ୍କୁ ପିଛା କରୁଛି।

ପୋଲିସ ଅନୁଯାୟୀ, ଅଗଷ୍ଟ ୨୬ ତାରିଖରେ ଜଣେ ମହିଳା ପଠାଣମାଜରାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ କରିଥିଲେ। ସୋମବାର ପୋଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିଥିଲା। ଏହା ପରେ ମଙ୍ଗଳବାର ସକାଳେ ପୋଲିସ ତାଙ୍କୁ ହରିୟାଣାର କରନାଲରୁ ହେପାଜତକୁ ନେଇଥିଲା। ଏଠାରେ, ତାଙ୍କୁ ସ୍ଥାନୀୟ



ଅଭିଯୋଗ ଅନୁସାରେ ମଙ୍ଗଳବାର ଗିରଫ ପରେ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ପଠାଣମାଜରା ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇଥିଲେ।

ପୋଲିସ ଷ୍ଟେସନକୁ ନେବା ସମୟରେ ଡ୍ରାମା ଆରମ୍ଭ ହୋଇଥିଲା । ବହୁ ସଂଖ୍ୟକ ହରିୟାଣା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା।

ପଟିଆଲାର ସାନୌର ବିଧାୟକ ହରମିତ୍ ପଠା ମାଜରା ଦଳ ବିରୋଧରେ ବିଦ୍ରୋହ କରିଥିଲେ। ସେ ଦୁଇ ଦିନ ଧରି ଖୋଲାଖୋଲି ଭାବରେ ବୟାନ ଦେଉଥିଲେ। ସେ ଆପ ନେତୃତ୍ୱ ଉପରେ ଅଭିଯୋଗ ଆଣିଥିଲେ।

# ମଧ୍ୟାହ୍ନ ଭୋଜନର ମାନ ପରଖିଲେ ଜିଲ୍ଲାପାଳ

**ମାଲକାନଗିରି:** ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାରେ ମଧ୍ୟାହ୍ନ ଭୋଜନରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ ନିଜେ ପଦ୍ମଗିରି ଏସଏସଡି ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଏହି ଅବସରରେ ପାଠପଢା କେମିତି ଚାଲିଛି ପଚାରି ବୁଝିଥିଲେ ଜିଲ୍ଲାପାଳ। ପିଲାଙ୍କ ସୁବିଧା ଅସୁବିଧା ବୁଝିଥିଲେ । ସେହିପରି ଉକ୍ତ ସ୍କୁଲର ଭିତିଭୂମି ପରିଦର୍ଶନ କରିବା ସହ ଉନ୍ନୟନ କାମ ବୁଲି ଦେଖିଥିଲେ । ଛାତ୍ରଛାତ୍ରୀଙ୍କୁ ଉତମ ଗୁଣବତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ଗୁଣବତା, ମାନ ଓ ସ୍ୱାଦ ଚାଖିବେ। ମୁଖ୍ୟତଃ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ପରେ ନିକଟସ୍ଥ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିବେ ଅଧିକାରୀ ମାନେ। ଆଜି ପଦ୍ମଗିରି ପଂଚାୟତରେ ଅଭିଯୋଗ ଶୁଣାଣୀ ପରେ ସମସ୍ତ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲା ମାନଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନର ମାନ ପରଖି ଥିଲେ। ଆରକ୍ଷୀ ଅଧିକ୍ଷକ ଖରାପଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉପ ଜିଲ୍ଲାପାଳ ତଳସାହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଖି ଥିଲେ। ପଂଚାୟତର ନିକଟସ୍ଥ ଅନ୍ୟାନ୍ୟ ବିଦ୍ୟାଳୟ ଯଥା ସିନ୍ଧରୀମାଲ, ବାଂଟିଗୁଡା, ଜଦୁଗୁଡା, ବଇଲା ପାରି ଇତ୍ୟାଦି ବିଦ୍ୟାଳୟରେ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିଥିଲେ। ଆସନ୍ତା ଦିନ ଗୁଡିକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଓ ମାନ ସୁନିଶ୍ଚିତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି।

# ଦିଲ୍ଲୀରେ ଘରେ ପଶିଲା ଯମୁନା ନଦୀର ପାଣି

**ନୂଆଦିଲ୍ଲୀ:** ଲଗାଣ ବର୍ଷାରେ ବେହାଲ ହେଲାଣି ଦେଶର ରାଜଧାନୀ। ଦିଲ୍ଲୀରେ ବର୍ତ୍ତମାନ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଯମୁନା ନଦୀରେ ଜଳସ୍ତର ବୃଦ୍ଧି। ବର୍ଷା ଲାଗି ରହିଥିବାରୁ ନଦୀର ଜଳସ୍ତର ଲଗାତାର ବଢ଼ିବାରେ ଲାଗିଛି। ହଥିନି କୁଣ୍ଡ ବ୍ୟାରେଜରୁ ନିରନ୍ତର ଛଡ଼ାଯାଉଥିବା ବନ୍ୟା ପାଣି ରାଜଧାନୀ ପାଇଁ ବିପଦର ଘଣ୍ଟି ବଜାଇଛି। ସୋମବାର ସକାଳେ ବ୍ୟାରେଜରୁ ପ୍ରାୟ ୩ଲକ୍ଷ ୨୯ହଜାର କ୍ୟୁସେକ ପାଣି ଛଡ଼ାଯାଇଥିଲା। ଏହା ସିଧାସଳଖ ଦିଲ୍ଲୀକୁ ପ୍ରଭାବିତ କରିଛି। ରାତିସାରା ପ୍ରବଳ ବର୍ଷା ପରେ ଯମୁନା ନଦୀର ଜଳସ୍ତର ବିପଦ ସଙ୍କେତ ଉପରକୁ ଯିବାରୁ ଏବେ ବନ୍ୟା ଜଳ ଦିଲ୍ଲୀ-ଏନସିଆରରେ ଥିବା ଘରଗୁଡ଼ିକରେ ପ୍ରବେଶ କରିଛି। ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ବିଶେଷକରି ଦିଲ୍ଲୀ-ଗୁରୁଗ୍ରାମ ସୀମାରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

## ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଦିଆଗଲା ନିର୍ଦ୍ଦେଶ

ଆଗ୍ରାରେ ମଧ ଯମୁନା ତାର ଭୟଙ୍କର ରୂପ ଦେଖାଇବାରେ ଲାଗିଛି। ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପହଞ୍ଚିଛି। ଘାଟରୁ ଶ୍ମଶାନ ପର୍ଯ୍ୟନ୍ତ ସବୁକିଛି ବୁଡ଼ି ଯାଇଛି। ତାଜଗଞ୍ଜ ଶ୍ମଶାନରେ ମୋକ୍ଷ ଧାମ ସ୍ଥଳ ବୁଡ଼ି ଯାଇଥିବା ଜଣାଯାଇଛି। ଏନେଇ ଆଗ୍ରା ପ୍ରଶାସନ ସତର୍କତା ଅବଲମ୍ବନ କରି ଯମୁନା କୂଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି।



ସୋମବାର ୨ଘଣ୍ଟାର ବର୍ଷାରେ ଗୁରୁଗ୍ରାମରେ ୨୦କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଜାମ୍ ଲାଗିଥିଲା ବୋଲି ଜଣାଯାଇଛି। ଯାହାର ଭିଡିଓ ଏବେ ଭାଇରାଲ ହୋଇଛି। ଅନ୍ୟପକ୍ଷରେ ଯମୁନା ନଦୀରେ ଜଳସ୍ତର ବୃଦ୍ଧି ପାଉବାକୁ ଥିବାରୁ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମଏ) ସୋମବାର ଦିନ ପୁରୁଣା ରେଳ ସେତୁରେ ସନ୍ଧ୍ୟା ୫ଟାରୁ ଯାତାୟାତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଳବନ୍ଦୀ ସମସ୍ୟା ଏବଂ କମ୍ ଦୃଶ୍ୟମାନ୍ୟତା ଯୋଗୁଁ ରାଜଧାନୀରେ ବିମାନ ଚଳାଚଳରେ ମଧ ବାଧା ସୃଷ୍ଟି ହେଉଛି, ଯାହା ଫଳରେ ବିମାନ କମ୍ପାନିଗୁଡ଼ିକ ଯାତ୍ରା ପରାମର୍ଶ ଜାରି କରିଛନ୍ତି।

ଯଦି ଆମେ ଦେଖିବା ତେବେ ୨୦୨୩ ମସିହାରେ ଦିଲ୍ଲୀ ଏହାର ସବୁଠାରୁ ଖରାପ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ଯେତେବେଳେ ପ୍ରବଳ ବର୍ଷା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ଏହା ଫଳରେ ୨୫,୦୦୦ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା।

# ରାଶିଫଳ

**ମେଷ:** ସକାଳ ୭ଟା ୫୨ ମିନିଟ୍ ପର୍ଯ୍ୟନ୍ତ ଚତୁର୍ଥ ଚନ୍ଦ୍ରଯୋଗୁ ସେସମୟ ପର୍ଯ୍ୟନ୍ତ ଯେକୌଣସି କର୍ମ କରିବା ପୂର୍ବରୁ ଭଲ ଭାବରେ ଚିନ୍ତାକରି କରିବେ । ଏହାପରେ ପଞ୍ଚମ ଚନ୍ଦ୍ର ଓ ଘାତ ନକ୍ଷତ୍ର ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ।

**ବୃଷ :** ସକାଳ ୭ଟା ୫୨ ମିନିଟ୍ ପରେ ଚତୁର୍ଥ ଚନ୍ଦ୍ରଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ସ୍ୱଜନରେ କଥାବାର୍ତ୍ତାଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଯେଉଁମାନଙ୍କର ରୋହିଣୀ ବୃଷ, ସେମାନେ ସତର୍କ ହେବେ ।

**ମିଥୁନ :** ଦ୍ୱିତୀୟ ଓ ତୃତୀୟଚନ୍ଦ୍ର ଯୋଗୁ ଧନ, ସମ୍ପଦ ବୃଦ୍ଧିପାଇବ ଏବଂ ସମସ୍ତକର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ । ସୁଖବର, ସୁସମ୍ବାଦ ମିଳିବ ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ ।

**କର୍କଟ :** ଶ୍ରୀଚନ୍ଦ୍ର ଓ ଦ୍ୱିତୀୟ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତିହେବ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ବିଶେଷ ସୂତ୍ରରୁ ଧନ ପ୍ରାପ୍ତି ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତିଉତ୍ତମ ହେବ ଏବଂ ନୂତନ ବ୍ୟବସାୟର ସୁଯୋଗ ଜୁଟିବ ।

**ସିଂହ :** ସକାଳ ୭ଟା ୫୨ ମିନିଟ୍ ପର୍ଯ୍ୟନ୍ତ ଦ୍ୱାଦଶ ଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ସମସ୍ତ କର୍ମରେ ଅଯଥା ବିଳମ୍ବ ଓ କର୍ମପ୍ରତି ଆଳସ୍ୟତା ଭାବ ପ୍ରକାଶ ପାଇବ । ଏହାପରେ ଶ୍ରୀଚନ୍ଦ୍ର ଯୋଗୁ ସ୍ୱଜନ, ପରିଜନ, ବନ୍ଧୁବାନ୍ଧବଙ୍କ ସହ ସହଯୋଗ ଓ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧାପ୍ରାପ୍ତ ହେବ ।

**କନ୍ୟା :** ସକାଳ ୭ଟା ୫୨ ମିନିଟ୍ ପରେ ଦ୍ୱାଦଶଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ । ଯେଉଁମାନଙ୍କର ହସ୍ତାକନ୍ୟା, ସେମାନେ ସତର୍କ ହେବେ ।

**ତୁଳା :** ଦଶମ ଓ ଏକାଦଶ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ହୃତଧନ ଫେରିପାଇବେ । ସମସ୍ତ ଆଶା, ଆକାଂକ୍ଷା, ଅଭିଳାଷ ପୂର୍ଣ୍ଣହେବ ଏବଂ ସମସ୍ତ ଇପସିତ୍ ପଦାର୍ଥ ହାତପାଆନ୍ତାରେ ଉପଲବ୍ଧ ହେବ ।

**ବିଛା :** ନବମ ଓ ଦଶମ ଚନ୍ଦ୍ର, ମଙ୍ଗଳବାର ଏବଂ ସକାଳ ୭ଟା ୫୨ ମିନିଟ୍‌ପରେ କେତୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଭାଗ୍ୟରେ, କର୍ମରେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ । ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ ଏବଂ ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତିଉତ୍ତମ ହେବ ।

**ଧନୁ :** ସକାଳ ୭ଟା ୫୨ ମିନିଟ୍ ପର୍ଯ୍ୟନ୍ତ ଅଷ୍ଟମଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ସତର୍କତା ଜରୁରୀ । ଏହାପରେ ନବମ ଚନ୍ଦ୍ରଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ ।

**ମକର :** ଘାତବାର, ସକାଳ ୭ଟା ୫୨ ମିନିଟ୍ ପରେ ଘାତଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଗ୍ୟାସ୍, ଇଲେକ୍‌ଟ୍ରିକ ଦ୍ରବ୍ୟ ବ୍ୟବହାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ ।

**କୁମ୍ଭ :** ଷଷ୍ଠ ଓ ସପ୍ତମଚନ୍ଦ୍ର ଉଭୟ ଭୋଗହେଉଥିବାରୁ ମାନସିକ, ପାରିବାରିକ, ଶାନ୍ତି ଏବଂ ପରିବାର ପ୍ରତି ଅଧିକ ଯତ୍ନବାନ ହେବେ । ମୂଲ୍ୟବାନ ଧାତୁ, ବସନଭୂଷଣ ଓ ଘରୋଇ ଉପକରଣ କ୍ରୟକରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତିଉତ୍ତମ ହେବ ।

**ମୀନ :** ପଞ୍ଚମ ଓ ଷଷ୍ଠଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ଚାଲିଚଳନରେ ସଂଯମତା, ବଚନରେ ମଧୁରତା ଏବଂ ସମସ୍ତକର୍ମରେ ସ୍ୱଚ୍ଛତା ଓ ସମୟାନୁ ବର୍ତ୍ତିତା ଆପଣାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତିଉତ୍ତମ ହେବ ଏବଂ କର୍ମରେ ସଫଳତା ଓ କର୍ମସ୍ଥାନର ବାଧାବିଘ୍ନ ଦୂରହେବ ।

# ମାତୃଭାଷା

କଟକ, ବୁଧବାର, ସେପ୍ଟେମ୍ବର -୩, ୨୦୨୫ ପୃଷ୍ଠା: ୪


## ଟ୍ରମ୍ପଙ୍କ ଟାରିଫ୍ ଜମ୍ପ୍ ର ପରିଣାମ - ଭାରତୀୟମାନେ ଆମେରିକା ଯିବାକୁ ଅମଙ୍ଗ ହେଲେଣି

ଆମେରିକା ପ୍ରତି ଭାରତୀୟମାନଙ୍କର ମୋହ ଭଙ୍ଗ ହେବା ପରିଲକ୍ଷିତ ହୋଇଛି ! ପରିଣାମ ସ୍ୱରୂପ ଚାକିରି ହେଉ କି ପାଠ ପଢା ହେଉ, କୌଣସି ଉଦ୍ଦେଶ୍ୟରେ ଭାରତୀୟମାନଙ୍କ ଆମେରିକା ଯିବା ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । କେବଳ କୋଭିଡ ସମୟକୁ ଛାଡ଼ିଦେଲେ ୨୦୦୧ ପରେ ପ୍ରଥମ ଥର ପାଇଁ ଆମେରିକା ଯାଉଥିବା ଭାରତୀୟ ଲୋକଙ୍କ ସଂଖ୍ୟା କମିଛି ।

ଏଥିରୁ ଏହା ସ୍ପଷ୍ଟ ହୁଏ ଯେ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ନିରନ୍ତର ହ୍ରାସ ପାଉଥିବା ଧାରା ଆରମ୍ଭ ହୋଇଛି । ଏପରି ପରିସ୍ଥିତିରେ ଭାରତୀୟମାନଙ୍କର ଆମେରିକା 'ପ୍ରେମ' ମଧ୍ୟ ଧୀରେ ଧୀରେ ହ୍ରାସ ପାଉଛି । ପୂର୍ବ ବର୍ଷ ତୁଳନାରେ ୨୦୨୫ରେ ସ୍ୱପ୍ନର ଦୁନିଆ ମନେକରି ଆମେରିକା ଯାଉଥିବା ଭାରତୀୟଙ୍କ ସଂଖ୍ୟା କମ୍ ହୋଇଛି ।

ଟ୍ରମ୍ପଙ୍କ ନୀତିକୁ ମଧ୍ୟ ଭାରତୀୟଙ୍କ ଆମେରିକା ଯାତ୍ରା ହ୍ରାସର ମୁଖ୍ୟ କାରଣ ଭାବରେ ବିବେଚନା କରାଯାଉଛି । ଟ୍ରମ୍ପ ରାଷ୍ଟ୍ରପତି ହେବା ପରଠାରୁ ଏହି ସଂଖ୍ୟା ହ୍ରାସ ପାଉଛି ।

୨୦୦୧ ପରେ ଆମେରିକା ଯାଉଥିବା ଭାରତୀୟଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଥିଲା । ଏହି ସମୟ ମଧ୍ୟରେ କେବଳ କୋଭିଡ୍ ସମୟରେ ଆମେରିକା ଯାତ୍ରା ସଂଖ୍ୟା ହ୍ରାସ ରେକର୍ଡ କରାଯାଇଥିଲା, କାରଣ ସେତେବେଳେ ସମଗ୍ର ବିଶ୍ୱ ଏକ ଅଚଳ ଅବସ୍ଥାରେ ଥିଲା ।

ରିପୋର୍ଟ ଅନୁଯାୟୀ ଜୁନ୍ ୨୦୨୫ ରେ ପ୍ରାୟ ୨ ଲକ୍ଷ ୧୦ ହଜାର ଭାରତୀୟ ଆମେରିକା ଯାତ୍ରା କରିଥିଲେ, ଯାହା ଜୁନ୍ ୨୦୨୪ରେ ୨ଲକ୍ଷ ୩୦ ହଜାର ଲୋକଙ୍କ ଯାତ୍ରା ତୁଳନାରେ କମ୍ ।

ଆମେରିକାର ଡିପାର୍ଟମେଣ୍ଟ ଅଫ୍ ନ୍ୟାସନାଲ ଟ୍ରାଭେଲ ଆଣ୍ଡ ଟୁରିଜିମ୍ ଅଫିସର ତଥ୍ୟ ଅନୁଯାୟୀ, ଜୁଲାଇ ୨୦୨୫ ରେ ଗତ ବର୍ଷ ତୁଳନାରେ ୫.୫ପ୍ରତିଶତ ହ୍ରାସ ଦେଖାଯାଇଛି ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଆମେରିକା ଯାଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ଘଟିଛି । ଏହି ହ୍ରାସ କେବଳ ଭାରତୀୟଙ୍କ ନୁହେଁ, ବରଂ ବିଶ୍ୱର ଅନ୍ୟ ଦେଶର ଲୋକମାନେ ମଧ୍ୟ ଆମେରିକା ଯିବାକୁ କୁଣ୍ଠିତ ହେଉଛନ୍ତି ।

ରିପୋର୍ଟ ଅନୁଯାୟୀ ଗତ କିଛି ମାସ ଧରି ଆମେରିକା ଯାତ୍ରା କରୁଥିବା ଅଣ-ଆମେରିକୀୟ ଲୋକଙ୍କ ସଂଖ୍ୟା ନିରନ୍ତର ହ୍ରାସ ପାଉଛି । ଜୁନ୍ ମାସରେ ଏହି ସଂଖ୍ୟା ୬.୨ପ୍ରତିଶତ ହ୍ରାସ ପାଇଥିଲା, ଯେତେବେଳେ ମେ ମାସରେ ଏହା ୭ ପ୍ରତିଶତ ହ୍ରାସ ପାଇଛି ।

ଉଲ୍ଲେଖନୀୟ ଯେ ସମଗ୍ର ବିଶ୍ୱରେ ଆମେରିକା ଯାଉଥିବା ଲୋକଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ବହୁତ ଅଧିକ । ଏହି କ୍ଷେତ୍ରରେ ଆମେରିକାର ସୀମାବର୍ତ୍ତୀ ଦେଶ କାନାଡା, ମେକ୍ସିକୋ ଏବଂ ୟୁକେ ପରେ ଭାରତ ଚତୁର୍ଥ ସ୍ଥାନରେ ଅଛି ।

ଏହି ଚାରୋଟି ଦେଶ ବ୍ୟତୀତ ଆମେରିକା ଯାଉଥିବା ଲୋକଙ୍କ ମଧ୍ୟରେ ବ୍ରାଜିଲ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରେ । ଘଞ୍ଜଞ୍ଜଙ୍ଗ ଅନୁଯାୟୀ ଆମେରିକା ଆସୁଥିବା ପ୍ରାୟ ୫୯.୪ ପ୍ରତିଶତ ଯାତ୍ରୀ ଏହି ଦେଶଗୁଡ଼ିକର ।

ଭାରତୀୟଙ୍କ ଏହି ହ୍ରାସ ପାଉଥିବା ସଂଖ୍ୟା ସମ୍ପର୍କରେ ଟ୍ରାଭେଲ୍ ଏଜେନ୍ସିଗୁଡ଼ିକର ମନୋଭାବ ଟିକେ ଭିନ୍ନ । ସେମାନେ କୁହନ୍ତି ଯେ ଭିସାରେ ବଢୁଥିବା ଅସୁବିଧା ଏବଂ ଟ୍ରମ୍ପଙ୍କ ନୀତି ଯୋଗୁ ଭାରତୀୟମାନେ ଆମେରିକା ଆସିବା ହ୍ରାସ କରିଛନ୍ତି ବୋଲି କହିବା ଜଲଦବାଜୀ ହେବ ।

ତଥାପି ଯଦି ଟ୍ରମ୍ପଙ୍କ ନୀତି ଜାରି ରହେ, ତେବେ ଏହି ସଂଖ୍ୟା ନିଶ୍ଚିତ ଭାବରେ ପ୍ରଭାବିତ ହେବ । ବିଶେଷଜ୍ଞଙ୍କ ମତରେ ଏହାର ସବୁଠାରୁ ବଡ଼ କାରଣ ହେଉଛି ବି-୧ ଏବଂ ବି -୨ ଭିସାର ଅନିୟମିତତା ।

ଏହି ଭିସା ଦଶ ବର୍ଷ ପାଇଁ ବୈଧତା ଉପରେ ଉପଲବ୍ଧ । ଏପରି ପରିସ୍ଥିତିରେ ଯେଉଁମାନଙ୍କର ବର୍ତ୍ତମାନ ଏହି ଭିସା ଅଛି, ସେମାନେ ନିରନ୍ତର ଆମେରିକା ଯାତ୍ରା କରିପାରିବେ, କିନ୍ତୁ ନୂତନ ଭିସା ପାଇବାର ନିୟମ ବୃଦ୍ଧି ପାଇବା ସହିତ ଏହି ସଂଖ୍ୟା ଆହୁରି ହ୍ରାସ ପାଇବ ।

# ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର

*ଡାକ୍ତର ସମ୍ରାଟ କର*

ବର୍ଷାତ ଦିନକୁ ଦିନ ବଢ଼ିଲାଣି । ସେ ଦିନ ବର୍ଷାଭିଜା ସକାଳୁ କ୍ଷୀପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି । ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ । ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃତ୍ତିଗତ ଦାୟିତ୍ୱରେ ଅଛନ୍ତି । ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି । ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ । କାରଣ ବାସ୍ତବ କଥା ହେଉଛି ବର୍ଷା ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ । ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ । ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ । ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ । ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଳାନ୍ତ ତଥା କମ ଶକ୍ତି ସଂପନ୍ନ ମନେହୁଏ । ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ । ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ । ଆଗରୁ ଭରପୁର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ । କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଲାଗେ । ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ । କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ । ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ ।

ଏହି ସମସ୍ୟାକୁ ମାନସିକ ଚିକିତ୍ସା ବ୍ୟବସ୍ଥାରେ ସ୍ୟାଡ଼ ବୋଲି ବୁଝିଥାଉ । ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ । ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ । ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ୍ୟ ଜରୁରୀ । ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ । ସନ୍ତୁଳିତ ଆହାର ମଧ୍ୟ ଉପଶମ ଆଣିବାରେ ସହାୟକ ହୁଏ । ବିଶେଷକରି ଓମେଗା-୩ ଚର୍ବିକାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର ସଂପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ । ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ । ଚିତ୍ର ଆଙ୍କିବା, ବହି ପଢ଼ିବା କି ସଂଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ୍ୟ ଏ ଦିଗରେ ଉପାଦେୟ ।

ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ । ଯଦି ଯାବତୀୟ ପତ୍ରିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ । ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ । ସୁଷମ ଖାଦ୍ୟ ପ୍ରଦାନ କରନ୍ତୁ, ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ଯେପରି ଏକ ଚିନ୍ତାମୁକ୍ତ ଓ ପ୍ରଫୁଲ୍ଲିତ ସମୟ କାଟିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ । ପ୍ରଥମେ ପ୍ରଥମେ ପୀଡ଼ିତା ଜଣଙ୍କ ଅସହଯୋଗ ଓ ବିରକ୍ତିକର କରିପାରନ୍ତି । କିନ୍ତୁ ବାସ୍ତବକଥା ହେଉଛି ତାଙ୍କୁ ସବୁ କଥାରେ ସମର୍ଥନ ଦେବା ସହ ଭଲପାଇବା ଓ ପ୍ରେରଣା ସହ ସୁଖଦୁଃଖ ବାଣ୍ଟି ତାଙ୍କ ମାନସିକତାକୁ ଉଜ୍ଜୀବିତ କରାଯାଇପାରିବ । କୌଣସି ପରିସ୍ଥିତିରେ ପୀଡ଼ିତ ଜଣଙ୍କୁ ବିରକ୍ତି କର ଆଘାତ ପାଇବା ପରି କଥା କୁହନ୍ତୁ ନାହିଁ । ଯଥା ସମ୍ଭବ ଶୋଇବା ଓ ଖାଇବା ଦିଗକୁ ଦୃଷ୍ଟି ଦେବା ସହ ଯୋଗ ଅଭ୍ୟାସ ଓ ଶାରୀରିକ ଅଭ୍ୟାସ ଖୁବ ଭଲ । ପଢ଼ିବା ପାଇଁ ଚାହିଁଲେ ତାଙ୍କ ମନ ପସନ୍ଦର ପୁସ୍ତକ ଦିଅନ୍ତୁ । ବୁଲିଯିବା ପାଇଁ ଇଚ୍ଛା କରୁଥିଲେ ଦେବାଳୟ ବ୍ୟତୀତ ପ୍ରାକୃତିକ ନୈସର୍ଗୀକ କ୍ଷେତ୍ର ସବୁଜ ବନାନୀ ପାହାଡ଼ ନଦୀ ସମୁଦ୍ର କୂଳ ଏସବୁ ସ୍ଥାନକୁ ଭ୍ରମଣ ପାଇଁ ନେଇପାରନ୍ତି ।

ତାଙ୍କ ଭିତରେ ମାନସିକ ଭାବେ ଯେ କୌଣସି ସମସ୍ୟା ଯେ ରହିଛି ସେ ଯେପରି ନ ଭାବନ୍ତି ବା ନବୁଝନ୍ତି ସେ ଦିଗକୁ ଆପଣ ଦେଖନ୍ତୁ । ଅନେକ କ୍ଷେତ୍ରରେ ଦେଖାଯାଏ ପୀଡ଼ିତର ଆଖପାଖ ଲୋକଙ୍କ ସମସ୍ୟା କଥାରେ ନାହିଁ 'ଦେଉଳରୁ ମୁଖଶାଳା ବଳିଯାଏ' । ମାନସିକ ରୋଗ ବିଶେଷଜ୍ଞଙ୍କ ଉପରେ ଭରଷା ଓ ଆସ୍ଥା ରଖନ୍ତୁ ସେ ଆପଣଙ୍କୁ ଏ କ୍ଷେତ୍ରରେ ନୂଆ ଜୀବନର ଆନନ୍ଦ ଭରି ଦେବା ପାଇଁ କାର୍ଯ୍ୟ କରୁଥିବାରୁ ଚିକିତ୍ସା ସମ୍ବନ୍ଧିତ ସମସ୍ତ ତଥ୍ୟ ତାଙ୍କୁ ସୂଚୀତ କରିବେ । କୌଣସି କଥା ଗୋପନୀୟ ରଖିବେ ନାହିଁ । ପୀଡ଼ିତ ଜଣଙ୍କୁ ଧୈର୍ଯ୍ୟପୂର୍ଣ୍ଣ ଭାବେ ଦାୟିତ୍ୱ ଗ୍ରହଣ ବେଳେ ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ । ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ*

# ପ୍ରକୃତ ବିଦ୍ୟା

**ଡ଼ଃ.ଅରୁନ୍ଧତୀ ଦେବୀ**

ପ୍ରାଚୀନ ଗୁରୁକୁଳରେ ଶିଷ୍ୟ ଗୁରୁଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସମାପନ କରିବା ପରେ ଗୁରୁ ତାକୁ ଯେଉଁ ଉପଦେଶ ଦେଉଥିଲେ ଅନ୍ୟ ଦେଶରେ ମଧ୍ୟ ସେ ସବୁର ପଟ୍ଟାନ୍ତର ନାହିଁ 'ମାତୃ ଦେବୋ ଭବ' (ମା ତୁମର ଈଶ୍ୱର ହୁଅନ୍ତୁ), 'ପିତୃ ଦେବୋ ଭବ' (ପିତା ତୁମର ଈଶ୍ୱର ହୁଅନ୍ତୁ), 'ଆଚାର୍ଯ୍ୟ ଦେବୋ ଭବ' (ଗୁରୁ ତୁମର ଈଶ୍ୱର ହୁଅନ୍ତୁ), 'ସତ୍ୟଂ ବଦ' (ସତ୍ୟ କୁହ), 'ଧର୍ମଂ ଚର' (ଉଚିତ ରୂପେ କର୍ମ କର), 'ନେ ଇତରାଣ' (ଅନ୍ୟ ପନ୍ଥା ଅବଲମ୍ବନ କର ନାହିଁ ।) ଏସବୁ ଥିଲା ଆଦେଶ । ସମସ୍ତ ଅଧର୍ମ କାର୍ଯ୍ୟରୁ ନିବୃତ୍ତ ହୁଅ । ଯାହା ତୁମର ପ୍ରଗତି ପାଇଁ ସହାୟକ ହେବ କେବଳ ସେଭଳି କର୍ମରେ ଲିପ୍ତ ରହ । ଏହା ହିଁ ଥିଲା ଉପଦେଶ । ପୃଥିବୀ ପାଇଁ ଶାନ୍ତି ପ୍ରାର୍ଥନା କରି ବେଦା, ଉପନିଷଦ ଯେତେବେଳେ ଶାନ୍ତିଃ ଶାନ୍ତିଃ ଶାନ୍ତିଃ କହନ୍ତି ସେମାନେ ଏହି ଆଦେଶ ପ୍ରସଙ୍ଗ ଉତଥାପନ କରିଥାନ୍ତି ।

ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ବିଜୟ ଆଶା କରନ୍ତି । ସମସ୍ତେ ଧନ ଚାହାନ୍ତି କେହି ଦାରିଦ୍ର୍ୟ କାମନା କରନ୍ତି ନାହିଁ । ମାତ୍ର ବିଜୟ ଅଥବା ସଂପଦ କିପରି ଅର୍ଜନ କରାଯାଇ ପାରିବ ? ଏହା ଚିନ୍ତା ଏବଂ ଆବିଷ୍କାର କରିବାକୁ ହେବ । ସମାଧାନ ନିମନ୍ତେ ଆମେ ଦୀର୍ଘକାଳ ଅନୁସନ୍ଧାନ କରିବା ଅନାବଶ୍ୟକ । ମହାଭାରତରେ ସଂଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଛନ୍ତି 'ଯେଉଁ ପକ୍ଷରେ ଯୋଗେଶ୍ୱର କୃଷ୍ଣ ଏବଂ ଧନୁର୍ଦ୍ଧର ଅର୍ଜ୍ଜୁନ ରହିଛନ୍ତି ସେହି ପକ୍ଷ ବିଜୟୀ ଓ ଶ୍ରୀମଣ୍ଡିତ ହେବ ।' ଏହାଠାରୁ ଅଧିକ ଉପଦେଶ ଆମେ ଅନ୍ୱେଷଣ କରିବା କାହିଁକି ? ବିଜୟ ଲାଭ ନିମନ୍ତେ ଦୈହିକ, ମାନସିକ ଏବଂ ବୌଦ୍ଧିକ, ଏହି ତ୍ରିମୁଖୀ ସଂଗ୍ରାମ ଅନାବ୍ୟଶକ । ଜଣେ ବିବ୍ରତ ଅଥବା ଉଦବିଗ୍ନ ହେବା ଅନାବଶ୍ୟକ । ସଂପଦ ଏବଂ ସମୃଦ୍ଧି ନିମନ୍ତେ ଅଶ୍ରୁ ବର୍ଷଣ କରିବା ଅନାବଶ୍ୟକ । ଭଗବାନଙ୍କର ଶରଣାପନ୍ନ ହୁଅ, ସାହସର ଧନୁ ଧାରଣ କର, ଅର୍ଥାତ୍ ହୃଦୟ ନିର୍ମଳ କର । ତାହା ହିଁ ଯଥେଷ୍ଟ । ତୁମେ ବିଜୟୀ ଓ ଶ୍ରୀମଣ୍ଡିତ ହେବ । ମାତ୍ର ତୁମେ ଯେତେବେଳେ ବିଜୟ ଓ ସଂପଦର ଅନୁସରଣ କରୁଛ ସ୍ମରଣ ରଖ ଯେ ସେଗୁଡ଼ିକ ଛାୟା ମାତ୍ର, ସେ ସବୁର କୌଣସି ବାସ୍ତବତା ନାହିଁ । ତୁମେ ନିଜର ଛାଇକୁ ଧରିପାରିବ ନାହିଁ, ସୂର୍ଯ୍ୟକୁ ପଛ କରି ନିୟୁତ ବର୍ଷ ଏଥିପାଇଁ ତୁମେ ଉଦ୍ୟମ କରିପାର । କାରଣ ଏହା ଦ୍ରୁତତର ଗତିରେ ପଳାୟନ କରେ ଏବଂ ସର୍ବଦା ତୁମ ଠାରୁ ଦୂରକୁ ଚାଲିଯାଏ । କିନ୍ତୁ ସୂର୍ଯ୍ୟକୁ ସାମ୍ନା କରି ତୁମେ ଯଦି ଅଗ୍ରସର ହୁଅ ତାହେଲେ ତୁମର ପଥପ୍ରଦର୍ଶକ ହେବା ପରିବର୍ତ୍ତେ ଛାୟା ତୁମ ପଛପଟେ ରହିବ ଏବଂ ତୁମକୁ ଅନୁସରଣ କରିବ । ଗୋଟିଏ କ୍ରୀତଦାସ ପରି ଏହା ତୁମର ପଦାଙ୍କ ଅନୁସରଣ କରିବ । ଛାୟାକୁ ମାୟାର ପ୍ରତୀକ ବୋଲି ମନେକର । ତୁମେ ମାୟାର ଅନୁସରଣ କରୁଥିବା ପର୍ଯ୍ୟନ୍ତ ମାଧବ ଉପେକ୍ଷିତ ଓ ଅଦୃଶ୍ୟ ହେବେ । ତୁମେ ତାଙ୍କର ଶୁଭଦୃଷ୍ଟି ପାଇବ ନାହିଁ । ଜନ୍ମ ମୃତ୍ୟୁର ବନ୍ଧନ ମଧ୍ୟରେ ତୁମେ ବନ୍ଦୀ ହେବ ଏବଂ ସର୍ବଦା ବନ୍ଧନରେ ରହିବ । ନିର୍ଭର କରିବା ପରିବେଶରୁ ନିଜକୁ ମୁକ୍ତି ପାଇଁ ଜଣେ ଉଦ୍ୟମୀ ହେବା ଉଚିତ । ନଚେତ ଇନ୍ଦ୍ରିୟ ସଂଭୋଗ ନିମନ୍ତେ ଜଣେ ଯଦି ସବୁମନ୍ତେ ଉଦ୍ୟମ କରେ ଏହା ନିଶ୍ଚିତ ରୂପେ ତାର ଅଜ୍ଞତା ସୂଚିତ କରିବ ।

ଭାରତୀୟ ଜୀବନର ଏହି ଦିଗଦର୍ଶକ ନିୟମମାନ ଦେଶର ଭୌଗୋଳିକ ସୀମା ଦ୍ୱାରା ସୀମିତ ନଥିଲା । ଏଇ ଦେଶର ଲୋକମାନେ ଇଚ୍ଛା କଲେ ବା ନକଲେ ମଧ୍ୟ ସେମାନେ ଅନ୍ୟ ଦେଶକୁ ପରିବ୍ୟାପ୍ତ ହେଉଛନ୍ତି । ନିଜର ମୂଲ୍ୟବୋଧଗୁଡ଼ିକ ଚିନ୍ତା ଓ ଅନୁଭୂତିରେ ପୂର୍ଣ୍ଣ କରି ସେମାନେ ସାହିତ୍ୟକୁ ରୂପାନ୍ତରିତ କରୁଛନ୍ତି । ପ୍ରାକୃତିକ ବିଜ୍ଞାନ ଆତ୍ମା ମାନଙ୍କୁ କେବଳ ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ଦେଇପାରିବ । କେବଳ ଆଧାତ୍ମିକ ବିଜ୍ଞାନ ଆତ୍ମସତ୍ତାକୁ ଶକ୍ତିମନ୍ତ ଏବଂ ଅପରିବର୍ତ୍ତିତ ରଖିପାରିବ । ଏହି ବିଷୟ ପ୍ରତି ଶିକ୍ଷାର୍ଥୀ ମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଯଦି ଆତ୍ମସତ୍ତାର ଶକ୍ତି ନାହିଁ ଅଥବା ଦୃଢ଼ତା ନାହିଁ, ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ବହୁ ପରିମାଣରେ ଥିଲେ ମଧ୍ୟ ସେ ସବୁ ମୂଲ୍ୟହୀନ ।

ଜାତିର ଉନ୍ନତିବିଧାନ କରିବା ଆବଶ୍ୟକ ହେଲେ ନିଜ ମଧ୍ୟରେ ତୁମେ ସମସ୍ତ ଆଧ୍ୟାତ୍ମିକ ଉତ୍ସ ପୁଞ୍ଜିଭୂତ କରିବା ବାଞ୍ଛନୀୟ । ଅତୀତରେ ଆବଶ୍ୟକତା ଜଣା ଥିଲା ଏବଂ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ୟମ ହେଉଥିଲା । ଭବିଷ୍ୟତରେ ମଧ୍ୟ ଏହି ଆବଶ୍ୟକତା ଅନୁଭୂତ ହେବ ଏବଂ ପୂର୍ଣ୍ଣ ହେବ । ଅର୍ଥାତ୍ ଆଜି ଯେଉଁସବୁ ଆଧାତ୍ମିକ ଅନୁରାଗ, ପ୍ରତ୍ୟୟ ଓ ଅଭିଳାଷ ଦୁର୍ବଳ ଏବଂ ବିପର୍ଯ୍ୟସ୍ତ ହୋଇଛି ସେସବୁକୁ ପରସ୍ପର ସହିତ ଐକ୍ୟବଦ୍ଧ ଏବଂ ପୁନଃ ପ୍ରଚଳିତ କରିବାକୁ ହେବ । ଭାରତୀୟ ଧର୍ମର ଅନନ୍ୟ ବିଭାଗଗୁଡ଼ିକ ଏଇ ଦୃଢ଼ ଭିତ୍ତି ଗଠନ କରିଛି । ସେ ସବୁ ଆକାଶ ପରି ପ୍ରଶସ୍ତ ଏବଂ ପ୍ରକୃତି ପରି ଶାଶ୍ୱତ । ଧର୍ମର ଅଂଶସ୍ୱରୂପ ଜାତି ଓ ସଂପ୍ରଦାୟ ବୃକ୍ଷର ଶାଖା ରୂପେ ଅବସ୍ଥାନ କରିପାରେ । ଜଣେ ସେଗୁଡ଼ିକୁ ଭୁଲ ବୋଲି ଧିକ୍କାର କରିବା ଅନାବଶ୍ୟକ । ମାତ୍ର କୌଣସି ଶାଖା ଅନ୍ୟ ଏକ ଶାଖା ସହିତ ସଂଗ୍ରାମ ବା ପ୍ରତିଯୋଗିତା କରିବା ଅନୁଚିତ । ତା ହେଲେ ବୃକ୍ଷଟି ଧ୍ୱଂସ ହେବ ଏବଂ ସବୁକିଛି ବିଧ୍ୱସ୍ତ ହେବ । ଜାତିଗୁଡ଼ିକ ପ୍ରତିଯୋଗିତାପୂର୍ଣ୍ଣ ବିଭେଦରେ ଲିପ୍ତ ହେଲେ ଧର୍ମ ଧ୍ୱଂସ ହୁଏ ଏବଂ ବିଶ୍ୱ ବିନାଶ ହୁଏ । 'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି' ।

ଭଗବାନଙ୍କର ସ୍ୱଭାବ ଏବଂ ବିଭାବ, ରୂପ ଓ ଗୁଣ ନେଇ ଆମ ପ୍ରତ୍ୟେକଙ୍କର ପୃଥକ ଧାରଣା ଥାଇପାରେ । ଜଣେ ବିଶ୍ୱାସ କରିପାରେ ଭଗବାନଙ୍କର ମାନବ ଗୁଣାବଳୀ ଓ ରୂପ ରହିଛି । ଆଉ ଜଣେ ମାନବ ରୂପ ଓ ସଂକେତହୀନ ଭଗବାନଙ୍କୁ ବିଶ୍ୱାସ କରିପାରେ, ମାତ୍ର ତାଙ୍କ ସ୍ୱରୂପକୁ ଅସ୍ୱୀକାର କରିପାରେ । ଆଉ ଜଣେ ଭଗବାନଙ୍କୁ ସମ୍ପୂର୍ଣ୍ଣ ନିରାକାର ରୂପେ ଗ୍ରହଣ କରିପାରେ । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ଯୁକ୍ତି ସପକ୍ଷରେ ବେଦରୁ ଶ୍ଳୋକ ଉଦ୍ଧାର କରିପାରିବେ । କାରଣ ସମସ୍ତେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି, ଅର୍ଥାତ୍ ଉତ୍ସ, ଆଧାର ଓ ପରିପୋଷାକ ରୂପେ ଏକ ରହସ୍ୟମୟୀ ଶକ୍ତିକୁ ବିଶ୍ୱାସ କରନ୍ତି । ଏହି ସତ୍ୟ ବେଦରେ ଉଦଘୋଷିତ ଏବଂ ବିସ୍ତୃତ ଭାବେ ବର୍ଣ୍ଣିତ । ଈଶ୍ୱରଙ୍କ ନାମ ବା ରୂପ ସମ୍ପର୍କରେ ଯେଉଁସବୁ ଶିକ୍ଷା ଦିଆଯାଏ ସେଗୁଡ଼ିକ ଅତୀବ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ସବୁର ସ୍ୱାତନ୍ତ୍ର୍ୟ ଏବଂ ପ୍ରଭେଦ ସମ୍ପର୍କରେ ଆଦୌ ବିବାଦ କରିବା ଅନାବଶ୍ୟକ । ଭଗବାନଙ୍କ ସମ୍ପର୍କରେ ଉପଦେଶ ପ୍ରଦାନ ହିଁ ବଡ଼ ସେବା । ପୃଥିବୀ ଏବଂ ଯେଉଁ ବିଶ୍ୱର ଏହା ଏକ ଅଂଶ, ସେସବୁ ସହସ୍ର ବର୍ଷ ତଳେ ସ୍ଥିତିବାନ ହୋଇଛି ଏବଂ ଭବିଷ୍ୟତରେ କେବେ ସେ ସବୁର ବିଲୟ ହେବ ବୋଲି ଅନ୍ୟମାନେ ଯେଭଳି ଭାବନ୍ତି ଭାରତୀୟମାନେ ସେହି ଦୃଷ୍ଟଭଙ୍ଗୀ ଗ୍ରହଣ କରନ୍ତି ନାହିଁ । ବିଶ୍ୱ ଯେ ଶୂନ୍ୟରୁ ସୃଷ୍ଟି ହୋଇଛି ଏହି ମନ୍ତବ୍ୟକୁ ମଧ୍ୟ ସେମାନେ ଗ୍ରହଣ କରନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି ପ୍ରକୃତି ଶୂନ୍ୟସୃଷ୍ଟି ନୁହେଁ, ଏହା ସର୍ବଦା ପୂର୍ଣ୍ଣ । ଏହାର ଆଦି ନାହିଁ କି ଅନ୍ତ ନାହିଁ । ଏହାର କେବଳ ସ୍ଥୂଳ ଏବଂ ସୂକ୍ଷ୍ମ ରୂପ ଅଛି । ପୂର୍ଣ୍ଣତାର କୌଣସି ପ୍ରମାଣ ନଥିବାରୁ ଆରମ୍ଭରୁ ଯେ ଶୂନ୍ୟ ରହିବ ଏ ପ୍ରକାର ଅନୁମାନ କରିବା କୌଣସି ଜ୍ଞାନର ସଂକେତ ନୁହେଁ । ବିଚାର କରିବା ପାଇଁ ଅସ୍ତିତ୍ୱର ଅନ୍ୟ ସ୍ତରମାନ ରହିଛି ।

ଦୃଷ୍ଟାନ୍ତସ୍ୱରୂପ, ମଣିଷ ସମ୍ପୂର୍ଣ୍ଣ ରୂପେ ଶରୀର ନୁହେଁ । ତାର ସ୍ଥୂଳ ଶରୀରରେ ଗୋଟିଏ ସୂକ୍ଷ୍ମ ଶରୀର ରହିଛି । ଏହାର ନାମ ମନ । ଏତଦଭିନ୍ନ ତାର ଆଉ ଏକ ଶରୀର ଅଛି । ମନ ଠାରୁ ତାହା ଆହୁରି ସୂକ୍ଷ୍ମ । ତାର ନାମ ଜୀବାତ୍ମା । ଶେଷଟିର ଆଦ୍ୟ ନାହିଁ କି ପ୍ରାନ୍ତ ନାହିଁ । ଏହାର ମୃତ୍ୟୁ ନାହିଁ କି ଧ୍ୱଂସ ନାହିଁ । ଏହି ସତ୍ୟକୁ ଭାରତୀୟମାନେ ବିଶ୍ୱାସ କରନ୍ତି । ଏହି ବିଶ୍ୱାସ ବେଦବାଣୀ ଉପରେ ଆଧାରିତ । ଈଶ୍ୱର ଉପାସନା କରିବା ସମୟରେ ଆମ୍ଭେମାନେ ଆଖି ବନ୍ଦ କରିଥାଉ । ଆମ୍ଭମାନଙ୍କର ମୁଖ ଉତ୍ତୋଳିତ କରି ଏବଂ ଉପରକୁ ଅନାଇ ବାହାରେ ଆମ୍ଭେମାନେ ଈଶ୍ୱରଙ୍କର ସନ୍ଧାନ କରିବା ପାଇଁ ଚେଷ୍ଟା କରୁନା । ଈଶ୍ୱରଙ୍କ ଦ୍ୱାରା ଉଦବୁଦ୍ଧ ବ୍ୟକ୍ତିମାନେ ଧର୍ମଗ୍ରନ୍ଥ ରଚନା କରିଛନ୍ତି ବୋଲି ଅନ୍ୟମାନେ କହିଥାନ୍ତି । ଭାରତୀୟମାନଙ୍କର ବିଶ୍ୱାସ ମୁନି ମାନଙ୍କ ହୃଦୟରୁ ଧ୍ୱନିତ ହୋଇଥିବା ବେଦ ହେଉଛି ଈଶ୍ୱରଙ୍କର ଅଭ୍ରାନ୍ତ ସ୍ୱର ।

*ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ହିମାଳୟର ଚେତାବନୀ

**ସୌଭାଗ୍ୟ ରଂଜନ ମହାନ୍ତି**

ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡିକରେ ଏବେ ଯେଉଁଭଳି ଭାବେ ବାରମ୍ବାର ବାଦଲଫଟା ବର୍ଷା ଓ ଭୂସ୍ଖଳନ ଏବଂ ବନ୍ୟାର ପ୍ରକୋପ ସୃଷ୍ଟି ହୋଇଛି ବୋଲି ତାହାକୁ ପାର୍ବତ୍ୟାଂଚଳର ଚେତବାନୀ ବୋଲି କୁହାଯାଇପାରିବ । ଚଳିତ ମୌସୁମୀ ଋତୁରେ ହିମାଳୟ ପାଦଦେଶରେ ଅବସ୍ଥିତ ହିମାଚଳ ପ୍ରଦେଶ, ଉତରାଖଣ୍ଡ ଏବଂ ଜାମ୍ମୁ-କାଶ୍ମୀରରେ ୧୪ଥର ବାଦଲଫଟା ସହ ଆକସ୍ମିକ ବନ୍ୟା, ଭୂସ୍ଖଳନ ଜନଜୀବନକୁ ପ୍ରଭାବିତ କରିଛି । ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନରେ ହିମାଳୟ ରାଜ୍ୟଗୁଡିକରେ ମୃତ୍ୟୁ ସଂଖ୍ୟା ୧୦୦ ଟପିଥିଲାବେଳେ ହଜାର ହଜାର କୋଟି ଟଙ୍କାର ସମ୍ପତି କ୍ଷତିଗ୍ରସ୍ତ ହୋଇଛି । ବଡ ବଡ କୋଠା ଭୂଶୁଡି ପଡିବା ସହ ରାସ୍ତାଘାଟ ଧୋଇଯାଇଛି । ନିକଟରେ ଜାମ୍ମୁ-କାଶ୍ମୀରରେ ବାଦଲଫଟା ବର୍ଷାରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ମଧ୍ୟରେ ବହୁ ବୈଷ୍ଣୋଦେବୀ ଶ୍ରଦ୍ଧାଳୁ ଅନ୍ତର୍ଭୁକ୍ତ ଥିବା କୁହାଯାଇଛି । ଆକସ୍ମିକ ବନ୍ୟା ସେମାନଙ୍କୁ ଭସାଇ ନେବା ସହ ପଥରଖଣ୍ଡର ଭଗ୍ନତା ତଳେ ପୋତି ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି । ଗଲା ବୁଧବାର ଦିନ ଜାମ୍ମୁ ଅଂଚଳରେ ବନ୍ୟାର ବିଭିଷିକା ସୃଷ୍ଟି କରିଛି । ପଂଜାବରେ ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ରହିଥିବାବେଳେ ଚାଷଜମି ଗୁଡିକ ଜଳପ୍ଲାବିତ ହୋଇଯାଇଥିଲା । ଯମୁନା, ସିନ୍ଧୁ ଓ ସତଲେଜ୍ ନଦୀରେ ବନ୍ୟାରେ ଜନଜୀବନ ଠପ୍ ହୋଇଯାଇଥିଲା । କେବଳ ଏତିକି ଦିଲ୍ଲୀରେ ପ୍ରବଳ ବର୍ଷାରେ ରାସ୍ତାଘାଟଗୁଡିକ ବୁଡି ଯାଇଥିଲା । ଯମୁନା ନଦୀର ଜଳପତନ ବୃଦ୍ଧି କରିଥିଲା । ଚଳିତ ବର୍ଷ ଦକ୍ଷୀଣ ପଶ୍ଚିମ ମୌସୁମୀ କେବଳ ହିମାଳୟ ରାଜ୍ୟଗୁଡିକରେ ନୁହେଁ, ସମଗ୍ର ଉତର ଭାରତୀୟ ଅଂଚଳରେ ବର୍ଷାର ତାଣ୍ଡବ ରଚିଛି । ବାଦଲଫଟା ତଥା ଅପ୍ରତ୍ୟାଶିତ ବର୍ଷା ଏବେ ଜନଜୀବନ ପାଇଁ ବିପର୍ଯ୍ୟାୟର କାରଣ ହୋଇଛି । ଏହା ନିସନ୍ଦେହ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢିଚାଲିଛି, ପ୍ରକୃତିର ପ୍ରକୋପ ସେତିକି ସେତିକି ଉଗ୍ର ହେବାରେ ଲାଗିଛି । ହିମାଳୟ ରାଜ୍ୟଗୁଡିକରେ ମାତ୍ର ମାସକ ମଧ୍ୟରେ ଯେଉଁଭଳି ପ୍ରାକୃତିକ ବିପର୍ଯ୍ୟାୟ ଘଟଣାମାନ ଘଟିଛି, ଏହା ହେଉଛି, ତାର ଜ୍ୱଳନ୍ତ ଉଦାହରଣ । ପାର୍ବତ୍ୟାଂଚଳରେ ବାରମ୍ବାର ନିର୍ମାଣ କାର୍ଯ୍ୟ, ପଥର ଖଣ୍ଡକୁ ବିସ୍ଫୋରଣ ଦ୍ୱାରା ଫୁଟାଇବା, ଖନନ, ଆଖିବୁଜା ଗଛ କଟା ଆଦି ହିମାଳୟ ପାଦଦେଶରେ ବସବାସ କରୁଥିବା ଜନସାଧାରଣଙ୍କୁ ଅସୁରକ୍ଷିତ କରିଦେଇଛି । ଗତ ସପ୍ତାହରେ ଲୋକଭସଭାରେ କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂହ ସୂଚନା ଦେଇଥିଲେ ଯେ, ଦେଶରେ ସର୍ବାଧିକ ଭୂସ୍ଖଳନ ପ୍ରବଣ ଅଂଚଳ ମଧ୍ୟରେ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତରାଖଣ୍ଡ ହେଉଛି ଅନ୍ୟତମ । ଜାମ୍ମୁ-କାଶ୍ମୀରର ୧୨ପ୍ରତିଶତ ଅଂଚଳ ଅତିମାତ୍ରାରେ ସହଜରେ ପ୍ରଭାବିତ ହୋଇଥିବା ବର୍ଗ ଅନ୍ତର୍ଭୁକ୍ତ । ନିକଟରେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଡିଏସଆଇ) ହିମାଳୟ ଅଂଚଳରେ ସହଜରେ ପ୍ରଭାବିତ ହୋଇପାରୁଥିବା ଭୂସ୍ଖଳନ ଇଲାକାର ସର୍ଭେ ସମ୍ପୂର୍ଣ୍ଣ କରିଛି । ହିମାଳୟ ଅଂଚଳରେ ଜୈବିକ ବିବିଧତାର କ୍ରମାଗତ କ୍ଷୟ ଯୋଗୁଁ ଏବେ ଏହି ଅଂଚଳଗୁଡିକ ଇକୋ-ସେନସିଟିଭ୍ ଯୋନ ହୋଇଯାଇଛି । ବୈଜ୍ଞାନିକମାନଙ୍କ କଡା ଚେତାବନୀ ସତ୍ତ୍ୱେ ଜଙ୍ଗଲ କ୍ଲିଅରାନ୍ସ, ରାସ୍ତା ନିର୍ମାଣ, ବିଭିନ୍ନ ପ୍ରକଳ୍ପ ନିର୍ମାଣ ପରିବେଶକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବହୁ ପ୍ରାକୃତିକ ବିପର୍ଯ୍ୟାୟକୁ ଆମନ୍ତ୍ରଣ କରୁଛି । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରବଳ, ଅତିପ୍ରବଳ, ବାଦଲପଟା ବର୍ଷା, ଅକସ୍ମିକ ବନ୍ୟା, ଭସ୍ଖଳନ ଏବଂ ମାଟି ଦବିବା । ସେହି ନଦୀ ଅବବାହିକାରେ ନୂଆ ନୂଆ ଜନବସତିମାନ ଗଢି ଉଠିବା ଯୋଗୁଁ ନଦୀର ଗତିପଥ ସଂକୁଚିତ ହେବା ଯୋଗୁଁ ବନ୍ୟା ତାଣ୍ଡବ ସୃଷ୍ଟି କରୁଛି । ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତନର ପ୍ରଭାବ ଦ୍ୱାରା ଏବେ ବିଭିନ୍ନ ପ୍ରାକୃତିକ ଧାରା ପ୍ରକ୍ରୀୟାରେ ବ୍ୟାପକ ପରିବର୍ତନ ଘଟିବା ସହ ବନ୍ୟା, ବାତ୍ୟା, ମରୁଡି, ଭୂସ୍ଖଳନ, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟାୟ ଘଟଣା ବଢିବାରେ ଲାଗିଛି । ପଶ୍ଚିମଘାଟ ପାର୍ବତ୍ୟମାଳାରେ ଜଳବାୟୁ ପରିବର୍ତନ ଗତ ଏକ ଦଶନ୍ଧି ତଳେ ଦେଖିବାକୁ ମିଳିଥିଲା ବୋଧହୁଏ ଏହାର ପରିଣତିକୁ କେହି ଭୁଲି ନଥିଲେ । ଉଲ୍ଲେଖଯୋଗ୍ୟ ଯେ, ଭୂମଧ୍ୟ ସାଗରରେ ସାଧାରଣତଃ ଶୀତ ଓ ବସନ୍ତ ଋତୁରେ ଲଘୁଚାପମାନ ସୃଷ୍ଟି ହୋଇଥାଏ । ମାତ୍ର ଜଳବାୟୁ ପରିବର୍ତନ ପ୍ରଭାବରେ ଏବେ ଏହା ଗ୍ରୀଷ୍ମ ଓ ମୌସୁମୀ ଋତୁରେ ସୃଷ୍ଟି ହୋଇ ଏସୀଆ ଓ ଉତର ଭାରତୀୟ ଅଂଚଳରେ ପ୍ରବେଶ କରିଛି । ଉତର ଭାରତୀୟ ଅଂଚଳରେ ଏହାର ପ୍ରବେଶ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ଉଗ୍ର କରିବା ସହ ଜଳପ୍ରଳୟ ଏବଂ ବାଦଲଫଟା ବର୍ଷାର କାରଣ ହୋଇଛି । ବୈଜ୍ଞାନିକ, ପରିବେଶବିତ୍ ଏବଂ ପାଣିପାଗ ବିଶାରଦମାନଙ୍କ ଚେତାବନୀକୁ ଦୃଷ୍ଟିରେ ରଖି ହିମାଳୟ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର, ରାଜ୍ୟ ସରକାର, ନୀତିନିର୍ଦ୍ଧାରକ ଏବଂ ଯୋଜନା ନିର୍ଦ୍ଧାରକମାନେ କାର୍ଯ୍ୟ କରିବା ଜରୁରୀ । ଅନ୍ୟଥା ଦେବଭୂମି ଅସୁରକ୍ଷିତ ହୋଇପଡିବା ସାର ହେବ ।

# ଆଗେ ନିଜକୁ, ପରେ ଅନ୍ୟକୁ...

**ଡ଼. ମନୋଜ କୁମାର ମହାନ୍ତି**

ଚୀନର ବିଶିଷ୍ଟ ଦାର୍ଶନିକ ତଥା ନୈତିକ ପ୍ରଚାରକ କନଫୁସିଅସ ସଦାସର୍ବଦା ଗୋଟାଏ କଥା ନିଜ ଦେଶ ତଥା ବିଶ୍ୱର ସମସ୍ତ ଜନମାନସକୁ ମନେ ପକାଉଥିଲେ: "ସ୍ୱପରିବର୍ତ୍ତନ ହିଁ ବିଶ୍ୱ ପରିବର୍ତ୍ତନ" । ତାଙ୍କର ଏହି ନୈତିକ ବାଣୀ ସେ ବିଶେଷକରି ନିଜ ଦେଶର ଶାସକଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ଚାହିଁଥିଲେ,କାରଣ ଶାସକଗୋଷ୍ଠୀଙ୍କ ଉପରେ ଦେଶର ସମସ୍ତ ଦାୟିତ୍ୱ ନିହିତ । ସମସ୍ତ ନୈତିକ ମୂଲ୍ୟବୋଧ ସହ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନାର ଗୁରୁଦାୟିତ୍ୱ ଶାସକ, ସମସ୍ତ ଉଚ୍ଚପଦସ୍ଥ ଓ ଅଧିନସ୍ତ କର୍ମଚାରୀଙ୍କ ଉପରେ ନ୍ୟସ୍ତ । କାରଣ ଦେଶର ପ୍ରଗତି ଓ ସୁରକ୍ଷାର ସମସ୍ତ ଦାୟିତ୍ୱ ସେମାନଙ୍କ ଉପରେ । ସେମାନେ ଯେଉଁଭଳି ଆଦର୍ଶରେ ନିଜକୁ ପରିଚାଳିତ କରିବେ, ଜନତା ସେଭଳି ପଥକୁ ଅନୁସରଣ କରିବେ । ଦେଶର ସ୍ଥିତି ମଧ୍ୟ ଅନୁରୂପ ହେବ । ଶାସକ ଯଦି ନୀତିଭ୍ରଷ୍ଟ ହୁଏ, ଦୁଷ୍ଟଚରିତ୍ରବାନ ସହ ଦୁର୍ନୀତିଖୋର ହୁଏ ତେବେ ତାହା ରାଜ୍ୟ ତଥା ପ୍ରଜାଙ୍କ ପାଇଁ ଅହିତ କର ହୋଇଥାଏ । ବାସ୍ତବରେ କନଫୁସିଅସଙ୍କର ଏହି ବାଣୀ ସମଗ୍ର ମାନବଜାତି ପାଇଁ ଅତ୍ୟନ୍ତ ଆବଶ୍ୟକ । ଏହା ସାଧାରଣ ଭାବରେ ବୁଝାଯାଏ ଯଦି ଜଗତର ପରିବର୍ତ୍ତନ ଚାହୁଁଛନ୍ତି ତେବେ ନିଜର ପରିବର୍ତ୍ତନ ଜରୁରୀ । ଅର୍ଥାତ୍ ଅନ୍ୟକୁ ଖାଲି ଦୋଷ ଦେଲେ ଚଳିବ ନାହିଁ । ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜର ଦୋଷାଦୋଷକୁ ସଂଶୋଧନ କରିବା ପ୍ରତ୍ୟେକ ମଣିଷର ପ୍ରାଥମିକ ଦାୟିତ୍ୱ । ଖାଲି କନଫୁସିଅସ ନୁହଁନ୍ତି ଭାରତର ଅନେକ ବିଶିଷ୍ଟ ଜନନାୟକ, ପ୍ରବାଦ ପୁରୁଷ ଓ ଆଧାମ୍ିକ ଗୁରୁ ମଧ୍ୟ କହିବା ସହ ନିଜେ ପାଳନ କରିଛନ୍ତି । ରାମକୃଷ୍ଣ ପରମହଂସଙ୍କ ଠାରୁ ଜାତିର ପିତା ମହାତ୍ମା ଗାନ୍ଧୀ ପର୍ଯ୍ୟନ୍ତ ସେଇ ଏକା ପ୍ରକାରର ନୈତିକ ଚିନ୍ତାଧାରା ଉଭୟ ବାକ୍ୟ ଓ କର୍ମରେ ଦେଖିବାକୁ ମିଳିଛି । ରାମକୃଷ୍ଣ ପରମହଂସ ଜଣେ ଶ୍ରେଷ୍ଠସାଧକ ଓ କାଳୀମା'ଙ୍କ ଉପାସକ ଭାବେ ପଶ୍ଚମ ବଙ୍ଗରେ ବେଶ ପରିଚିତ ଥିଲେ । ସେଥିପାଇଁ ଅନେକ ଲୋକ ତାଙ୍କ ପାଖକୁ ଆସି ଉପଦେଶ ନେଇ ନିଜ ଜୀବନ ତଥା କର୍ମରେ ପ୍ରୟୋଗ କରୁଥିଲେ । ଥରେ ଜଣେ ମା ରାମକୃଷ୍ଣଙ୍କ ପାଖକୁ ଆସି କହିଲେ ବାବା; ଆପଣ ତ ଅନେକ ଲୋକଙ୍କୁ ଉପଦେଶ ମାଧ୍ୟମରେ ଉଚିତ୍ ମାର୍ଗକୁ ଆଣୁଛନ୍ତି, ମୋ ପୁଅକୁ ଟିକେ ମାର୍ଗ ଦେଖାନ୍ତେନି ! ସେ ବହୁତ୍ ମିଠାପ୍ରିୟ । ମିଠା ଖାଇବା କିଛି ଖରାପ କଥା ନୁହେଁ, କିନ୍ତୁ ଅତ୍ୟଧିକ ଖାଇବାଦ୍ୱାରା ତା ଶରୀରରେ କୁଣ୍ଡିଆ ଓ ଦଶିପୋକ ଭଳି ରୋଗଜୀବାଣୁ ଆକ୍ରମଣରେ ସେ ବାରମ୍ବାର ପୀଡିତ ହେଉଛି ଯାହା ତାର ଶାରିରୀକ ଯନ୍ତ୍ରଣାର କାରଣ । ରାମକୃଷ୍ଣ ହସିଲେ ଏବଂ କହିଲେ ଠିକ୍ ଅଛି ତୁମେ ଘରକୁ ଯାଇ ପୁଅକୁ ମୋ ପାଖକୁ ପଠେଇଦେବ । ପ୍ରତିଦିନ ପୁଅ ଆସେ ରାମକୃଷ୍ଣଙ୍କୁ ଦେଖାକରେ, ନମସ୍କାର କରି କିଛି କଥାଶୁଣି ପୁଣି ଘରକୁ ଫେରିଯାଏ । ଏମିତି ଗୋଟେ ସପ୍ତାହ ପର୍ଯ୍ୟନ୍ତ ପିଲାଟିର ଯିବାଆସିବା ଲାଗିରହିଲା । ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ପିଲାଟିର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା । କିନ୍ତୁ ଯେଉଁ ସମସ୍ୟାର ସମାଧାନ ପାଇଁ ପୁଅକୁ ରାମକୃଷ୍ଣଙ୍କ ପାଖକୁ ପଠାଯାଇଥିଲା ସେଥିରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ କି ସେ ସମସ୍ୟାର ସମାଧାନ ହେଲାନାହିଁ । ସାତଦିନ ମଧ୍ୟରେ ମିଠାପ୍ରତି ପିଲାଟିର କୌଣସି ପ୍ରକାରର ଅନାଗ୍ରହ ଦେଖିବାକୁ ମିଳିଲାନାହିଁ । ମା ବ୍ୟସ୍ତ ହୋଇ ପୁନଶ୍ଚ ରାମକୃଷ୍ଣଙ୍କ ନିକଟକୁ ଗଲେ । ହାତଯୋଡି ପଚାରିଲେ ବାବା, ବିଗତ ଏକ ସପ୍ତାହ ହୋଇଗଲାଣି କିନ୍ତୁ ପୁଅର ମିଠାପ୍ରତି ଅନାଗ୍ରହ ମୁଁ କାହିଁ ଦେଖିପାରୁନାହିଁ, ଆପଣ କାହିଁକି ତାକୁ ମିଠା ଖାଇବାପାଇଁ ବାରଣ କରୁନାହାନ୍ତି । ରାମକୃଷ୍ଣ ହସିଲେ ଏବଂ ପ୍ରତ୍ୟୁତ୍ତର ଦେଲେ; ମୁଁ ନିଜେ ଏପର୍ଯ୍ୟନ୍ତ ମିଠାପ୍ରତି କୌଣସି ଅନାସକ୍ତ ଭାବ ମନରେ ଆଣି ପାରିନାହିଁ । ଯେପର୍ଯ୍ୟନ୍ତ ମୁଁ ଏହାକୁ ସମ୍ପୂର୍ଣ୍ଣ ତ୍ୟାଗ ନକରିଛି ସେପର୍ଯ୍ୟନ୍ତ ଅନ୍ୟକୁ ଉପଦେଶ ଦେବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ । ଅନ୍ୟକୁ ନୀତିବାଣୀ ଓ ଉପଦେଶ ଦେବା ପୂର୍ବରୁ ମୁଁ ତାହା କେତେମାତ୍ରାରେ ମୋ ନିଜ ଜୀବନରେ ଓ କର୍ମକ୍ଷେତ୍ରରେ ପ୍ରୟୋଗ କରିଛି ତାହା ହିଁ ପ୍ରମୁଖ ସମସ୍ୟା । ଏ ସମାଜରେ ଉପଦେଶ ଦେବା ଲୋକ ଅନେକ କିନ୍ତୁ ସେମାନେ ସେମାନଙ୍କ ଜୀବନରେ କେତେମାତ୍ରାରେ ସେଇ ଉପଦେଶକୁ ବ୍ରତଭାବେ ପାଳନ କରନ୍ତି ତାହା ହିଁ ବାସ୍ତବିକତା । ଶିକ୍ଷାରୁ ସ୍ୱାସ୍ଥ୍ୟ, ପୁଣି କୃଷିରୁ ଶିଳ୍ପଯାଏଁ ଆମେ ଆମ କର୍ତ୍ତବ୍ୟକୁ କେତେ ସଚେତନର ସହ ପାଳନ କରୁଛେ ତାହାହିଁ ନୈତିକତାର ଆଧାରବିନ୍ଦୁ । ଉପଦେଶ ଏଠି ଶସ୍ତାରେ ମିଳେ ବୋଲି ସମସ୍ତେ ଜାଣନ୍ତି କିନ୍ତୁ ସେହି ଆଦର୍ଶକୁ ଅନୁସରଣ କରିବା କେତେଜଣଙ୍କର ନୈତିକ ଦାୟିତ୍ୱ ତାହା ଆଜିର ଦିନରେ ଆଲୋଚନାର ବିଷୟ । ଅନ୍ୟର ଦୋଷ ବାଛିବା, ତାକୁ ସମାଲୋଚନା, ଆକ୍ଷେପ ଓ ଅଭିଯୋଗ କରି ପୁନଃଶ୍ଚ ନିଜକୁ ଉକ୍ତ ମାର୍ଗରେ ପରିଚାଳନା କରିବା ସମାଜପାଇଁ କେତେ ଗ୍ରହଣୀୟ ଚାଲୁଣିର ବିନ୍ଧ ଗଣିବା ପୂର୍ବରୁ ଛୁଞ୍ଚି ନିଶ୍ଚିତଭାବେ ନିଜର ଅକ୍ଷମତାକୁ ଅନୁଭବ କରିବା ଦରକାର । ଅନ୍ୟ ପ୍ୟାଣ୍ଟର ତାଳିକୁ ଦେଖି ହସିବା ଓ ଆଲୋଚନା କରିବା ପରିବର୍ତ୍ତେ ନିଜ ପ୍ୟାଣ୍ଟର କଣା ଉପରେ ଦୃଷ୍ଟିନିକ୍ଷେପ କରିବା ନିତାନ୍ତ ଆବଶ୍ୟକ । ଗାନ୍ଧୀଜୀ ନିଜକୁ ସମୟାନୁବର୍ତ୍ତିତା କରିବାପାଇଁ ଅଣ୍ଟାରେ ଘଡି ଝୁଲେଇ ନିଜର ଗନ୍ତବ୍ୟସ୍ଥଳକୁ ଯାତାୟତ କରୁଥିଲେ । ସେ ନିଜେ ତାଙ୍କ ସାବରମତୀ ଆଶ୍ରମରେ ନିୟମ ଅନୁସାରେ ସନ୍ଧ୍ୟା ୬ଘଟିକା ସୁଦ୍ଧା ଯିଏ ଯେଉଁଠି ଥିବ ଆସି ନିର୍ଦ୍ଧାରିତ ସମୟରେ ପହଞ୍ଚିବାକୁ ପ୍ରଚେଷ୍ଟା କରିବ । ଯଦି ପହଞ୍ଚିବାରେ କିଞ୍ଚିତ ବିଳମ୍ବ ହୁଏ ତେବେ ଫାଟକ ବାହାରେ ତାଙ୍କୁ ରହିବାକୁ ପଡ଼ିବ । ଏହାକୁ କଡ଼ାକଡ଼ି ସମ୍ପୂର୍ଣ୍ଣଭାବେ ପାଳନ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ସଚେତନ କରାଗଲା । ଏହା ମଧ୍ୟ ପାଳନ ହେଲା । ଦିନେ ଗାନ୍ଧୀ ତାଙ୍କର କୌଣସି କାମରେ ବାହାରକୁ ଯାଇ ଫେରିବାରେ କିଛି ସମୟ ବିଳମ୍ବରେ ଫାଟକ ପାଖରେ ପହଞ୍ଚି ଦେଖିଲେ ଯେ ନିର୍ଦ୍ଧାରିତ ସମୟ ଅନୁସାରେ ଫାଟକରେ ଚାବି ପଡ଼ିଛି । ଏହା ଦେଖି ସେ ଅତ୍ୟନ୍ତ ଖୁସି ଅନୁଭବ କଲେ ଏବଂ କାହାକୁ କିଛି ନକହି ଫାଟକ ବାହାରେ ସେ ସାରାରାତି ବିନା ଦ୍ୱିଧାରେ କଟାଇଥିଲେ ।

କିନ୍ତୁ କାହିଁକି କେଜାଣି ଭାରତର ସାଧାରଣ ଜନତାଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପ ଏହାର ସମ୍ପୂର୍ଣ୍ଣ ବିପରୀତ । ଏଠି ସତ୍ୟ ପଥେ, ଧର୍ମ ପଥେ, ନ୍ୟାୟ ପଥରେ ପଥିକ ହେବାପାଇଁ ପ୍ରତିଦିନ ପ୍ରାଥନା ଆବୃତ୍ତି କରୁଥିବା ଲୋକମାନେ ମିଛ, ଅଧର୍ମ ଓ ଅନ୍ୟାୟକୁ ନିଜର ହାତବାରିଶ କରି ସାରିଛନ୍ତି । ଆଗରେ ହରିହରି ପଛରେ ନାରୀଚୋରୀ ଆମର ନୈତିକତା ପାଲଟିଯାଇଛି । ଦୁର୍ନୀତି, ଶଠତା, ଦାୟିତ୍ୱହୀନତା, ଲମ୍ପଟତା, ଆଳାସ୍ୟତା, ଆଶାନ୍ତ ବାତାବରଣ ସୃଷ୍ଟିକରିବାରେ ଆମେ ବହୁତ ଆଗରେ । ଶେଷରେ ଆସି ଲମ୍ବାଧାଡ଼ି ମଝିରେ ଧସେଇ ପଶି କାମ ହାସଲ କରିବା ଆମର ଜନ୍ମଗତ ଅଧିକାର ଭାବନ୍ତି । ସବୁବେଳେ ଅଳ୍ପ ବିନିଯୋଗରେ ଅଧିକ ଲାଭରେ ଲାଗିଥାନ୍ତି । ଭୁଲ୍ କରି ତାର ପ୍ରାୟଶ୍ଚିତ ନକରି ବରଂ ତାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟାକରି ସଫଳ ହୁଅନ୍ତି । ପଡୋଶୀକୁ ବଳକା ରନ୍ଧାଖାଦ୍ୟ ଦେଇ ଯେମିତ ନିଜର ବଡ଼ପଣିଆକୁ ଦେଖାନ୍ତି । ମନ୍ଦିର ପ୍ରବେଶ ଦ୍ୱାରରେ ବସିଥିବା ଭିକାରୀଙ୍କୁ ଟଙ୍କେ ଦି ଟଙ୍କା ଦେଇ ନିଜକୁ ଦାନୀ ବୋଲି ମନେକରିବା । ନିଜ ପିନ୍ଧାଲୁଗା ପରିଧାନ ଫାଟିଚିରି ପୁରୁଣା ହେଲାପରେ ନିଜ ଘରଅଳିଆ ମୁକ୍ତ କରିବାବାପାଇଁ କାହାକୁ ଦେବା କେଉଁ ମାନବିକତାର ପରିଚୟ । ଯଦି ଦେବାର ଅଛି ଖଣ୍ଡେ ନୂଆବସ୍ତ୍ର ଦାନ କରାଯାଉ । ଏଠି ଶହେରୁ ଅନେଶତ ଲୋକ ଅନ୍ୟ ଉପରେ ପ୍ରତିକ୍ଷେତ୍ରରେ ଦୋଷ ଲଦିବାରେ ବ୍ୟସ୍ତ । ସ୍ୱଚ୍ଛଭାରତ ଅଭିଯାନର ମୁଖ୍ୟଲକ୍ଷ୍ୟ ଥିଲା ଦେଶର କୋଣଅନୁକୋଣରୁ ଅଳିଆ ଆବର୍ଜ୍ଜନାମୁକ୍ତ ରଖିବା । ରାସ୍ତାଘାଟ, ନଦୀନାଳ, ଚିକିତ୍ସାଳୟ, ରେଲଷ୍ଟେସନ୍, ବସଷ୍ଟାଣ୍ଡ, ଆଦିକୁ ସଫାସୁତୁରା ରଖିବାର ଦାୟିତ୍ୱ ଆମ ସମସ୍ତଙ୍କର । ରାସ୍ତାର ଦୁଇପାର୍ଶ୍ୱରେ ମଳମୂତ୍ର ତ୍ୟାଗ, ସରକାର କାର୍ଯ୍ୟାଳୟରେ କାନ୍ଥବାଡ଼ରେ ପାନଗୁଟଖା ଛେପ, ଶୌଚାଳୟରେ ମଳମୂତ୍ର ତ୍ୟାଗକରି ତାକୁ ଅପରିଷ୍କାର ଅସ୍ୱଚ୍ଛ ଛାଡ଼ିଦେଇଯିବା ଏହା ମଣିଷର ନା ପଶୁର କାମ ? ସରକାର କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଚପରାସିଠାରୁ କିରାଣୀ ଓ ଅନ୍ୟାନ୍ୟ ଅଧିକାରୀବୃନ୍ଦ ବିନା ହାତଗୁଞ୍ଜାରେ ଫାଇଲ୍ ଏ ଟେବୁଲରୁ ଆର ଟେବୁଲକୁ ଆଗଉ ନାହାନ୍ତି । ସେମାନଙ୍କୁ ସହଯୋଗ କରୁଛନ୍ତି ଆମେ । ଦୁର୍ନୀତିକୁ ରୋକିବ କିଏ ବରଂ ତାହା ବଢ଼ିବଢ଼ି ଚାଲିଛି । ଆମେ ସମସ୍ତେ ସୁବିଧା ଗଳୀରାସ୍ତା ଖୋଜୁଛନ୍ତି । କଳେବଳେ କୌଶଳେ ଖସିଗଲେ ହେଲା । ଆମ କାମ ହେଇଗଲେ ହେଲା । ପୁଣି ସେଇ ଗଳାବାଟରେ ପଥିକ ହେବା ପାଇଁ ଅନ୍ୟକୁ ଉପଦେଶ ଦିଅନ୍ତି । କେବେ କାହାକୁ ସୁବୁଦ୍ଧି ଦେବା ପୂର୍ବରୁ ନିଜ ଭିତରେ ଥିବା କୁବୁଦ୍ଧିକୁ ତ୍ୟାଗ କରାଯାଉ । ନିଜ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଇବାକୁ କେହି ଇଚ୍ଛାକରୁନି କାରଣ ବନ୍ଧୁକର ବୋଝ କିଏ ସହିବ ? ନିଜକୁ ଦୋଷମୁକ୍ତ କରିବା ଆଳରେ ଆଳସ୍ୟ, ଅନ୍ୟାୟ ଓ ଅନୀତିକୁ ପ୍ରଶ୍ରୟ ଦେଉନାହାଁନ୍ତି ତ ?

ଅଧାପକ, ବି.ଏନ.ଏମ.ଏ ମହାବିଦ୍ୟାଳୟ,
ଭଦ୍ରକ ୮୮୯୫୩୪୧୦୩୩

ମାତୃଭାଷା





# ପିଲାଙ୍କ ସ୍ମରଣ ଶକ୍ତି ବଢ଼ାଇବା ପାଇଁ ଚାହୁଁଥିଲେ

**କୁହାଯାଏ, ବାସ୍ତୁ ଅନୁଯାୟୀ ପିଲାମାନଙ୍କ ରୁମ୍ ହୋଇଥିଲେ ସେମାନଙ୍କୁ ଭଲ ନିଦ ହେବା ସହ ସେମାନଙ୍କ ସ୍ମରଣ ଶକ୍ତି ପ୍ରଖର ହୋଇଥାଏ। ଏଥିସହିତ ପାଠପଢ଼ା ପାଇଁ ତାଙ୍କ ଭିତରେ ଏକାଗ୍ରତା ମଧ୍ୟ ଆସିଥାଏ। ତେବେ ବାସ୍ତୁ ଅନୁସାରେ କେମିତି ହେବା ଦରକାର ପିଲାଙ୍କ ରୁମ୍, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

- ବାସ୍ତୁଶାସ୍ତ୍ର ଅନୁଯାୟୀ, ଛୋଟ ପିଲାଙ୍କର ବେଡ୍‌ରୁମ୍ ପଶ୍ଚିମ ଦିଗରେ କଲେ ଏହାର ଅନେକ ସୁ-ପ୍ରଭାବ ସେମାନଙ୍କ ଉପରେ ପଡିଥାଏ।
- ପିଲାଙ୍କ ବେଡ୍‌ରୁମ୍‌ର ଦକ୍ଷିଣ ପାର୍ଶ୍ୱରେ ସେମାନଙ୍କ ବେଡ୍ ପକାଇବା ଦରକାର। ଆଉ ଏହି ବେଡ୍‌କୁ କାନ୍ଥରେ ପୁରା ନଲଗାଇ କାନ୍ଥରୁ ଟିକେ ଛାଡିକି ରଖିଲେ ଏହାର ଅନେକ ଭଲ ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡିଥାଏ।
- ପିଲାଙ୍କ ବେଡ୍‌ରୁମ୍‌ରେ ଲାଗିଥିବା କବାଟ ଉତ୍ତର କିମ୍ବା ପୂର୍ବ ଦିଗରେ ରହିବା ଆବଶ୍ୟକ ଏବଂ କବାଟର ଠିକ୍ ବିପରୀତ ଦିଗରେ ଝରକା ରହିଲେ ଅତି ଉତ୍ତମ ହୋଇଥାଏ।
- କୁହାଯାଏ, ପିଲାଙ୍କ ରୁମ୍ ପାଇଁ ସବୁଠୁ ଭଲ ରଙ୍ଗ ହେଉଛି ସବୁଜ। ଏହା ସେମାନଙ୍କୁ ଶାନ୍ତି ପ୍ରଦାନ କରିବା ସହ ମନରେ ସକାରାତ୍ମକ ଭାବନା ଆଣିଥାଏ।
- ସେହିପରି କୁହାଯାଏ, ଶୋଇବା ସମୟରେ ପିଲାମାନଙ୍କର ମୁଣ୍ଡ ପୂର୍ବ ଦିଗକୁ ରହିଲେ ସେମାନଙ୍କର ସ୍ମରଣ ଶକ୍ତି ବଢିଥାଏ।
- ପିଲାଙ୍କ ବେଡ୍‌ରୁମ୍‌ରେ ଥିବା ଷ୍ଟଡି ଟେବୁଲ୍‌କୁ ଏପରି ରଖିବା ଦରକାର, ଯେମିତିକି ସେଥିରେ ବସି ପଢିବା ସମୟରେ ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗ ଅଥବା ଉତ୍ତର-ପୂର୍ବ ଦିଗ ଆଡ଼କୁ ରହୁଥିବ। କୁହାଯାଏ, ଏପରି କଲେ ପିଲାଙ୍କ ଭିତରେ ପଢିବା ପାଇଁ ଏକାଗ୍ରତା ବଢିଥାଏ।

## ଗରମାଗରମ ଭାତ ସହ ଖାଆନ୍ତୁ ପୋଇ ଚିଙ୍ଗୁଡ଼ି ରସା



ଆବଶ୍ୟକ ସାମଗ୍ରୀ: ଚିଙ୍ଗୁଡ଼ି, ପୋଇପତ୍ର, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆ ପତ୍ର, କଞ୍ଚା ଲଙ୍କା, ଜିରା, ଧନିଆ, ନଡ଼ିଆ ରସ ଓ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆପତ୍ର, ଲଙ୍କା, ଜିରା ଓ ଧନିଆକୁ ବାଟି ଦିଅନ୍ତୁ। ବର୍ତ୍ତମାନ ଏକ ମାଟି ପଲମରେ ତେଲ ଗରମ କରି କଟା ପୋଇ ପତ୍ରକୁ ଅଳ୍ପ ଭାଜି ଦିଅନ୍ତୁ। ସେଗୁଡ଼ିକୁ କାଢ଼ି ଦେଇ ସେହି ପଲମରେ ପୁଣି ଥରେ ତେଲ ଗରମ କରି ପ୍ରସ୍ତୁତ କରିଥିବା ବଟା ମସଲାକୁ ପକାଇ କଷନ୍ତୁ। ମସଲା କଷି ହୋଇଯିବା ପରେ ଅଳ୍ପ ଲୁଣ ଓ ଚିଙ୍ଗୁଡ଼ି ପକେଇ ଭଲ ଭାବେ ଗୋଳେଇ ଘୋଡ଼ଣି ଦେଇ ଦିଅନ୍ତୁ। ଦୁଇ ତିନି ମିନିଟ୍ ପରେ ଘୋଡ଼ଣି କାଢ଼ି ଭଜା ପୋଇପତ୍ର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ନଡ଼ିଆ ରସ, ସ୍ୱାଦ ଅନୁସାରେ ଲୁଣ ଓ କଟା କଞ୍ଚା ଲଙ୍କା ପକେଇ ଘୋଡ଼ାଇ ଦିଅନ୍ତୁ। ତିନି ଚାରି ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଗରମ ମସଲା ପକାନ୍ତୁ ଓ ପଲମକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ପୋଇ ଚିଙ୍ଗୁଡ଼ି ରସା'। ଏହି ରେସିପିଟିକୁ ଗରମା ଗରମ ଭାତ କିମ୍ବା ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# ମହିଳାଙ୍କ ପାଇଁ କାହିଁକି ଜରୁରୀ ଏହି ସବୁ ଭିଟାମିନ୍...



**ବ**ୟସ ହିସାବରେ ମହିଳାଙ୍କ ଲାଗି ଭିନ୍ନ ଭିନ୍ନ ଭିଟାମିନର ଆବଶ୍ୟକତା ରହିଥାଏ । ଏହାସହିତ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଅଧିକ ପୋଷଣର ଆବଶ୍ୟକତା ଥାଏ । ଏକ ସୁସ୍ଥ ଡାଏଟରେ ସମସ୍ତ ପ୍ରକାର ପୋଷଣ ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିଳାଙ୍କ ଶରୀରରେ ଅନେକ ପ୍ରକାର ପରିବର୍ତ୍ତନ ହେଉଥିବାରୁ ସେମାନେ ସୁସ୍ଥ ରହିବା ପାଇଁ ଏକ ସ୍ୱତନ୍ତ୍ର ଭିଟାମିନର ଆବଶ୍ୟକତା ରହିଛି । ଏହି ଭିଟାମିନକୁ ସଠିକ୍ ମାତ୍ରାରେ ଖାଇଲେ ମହିଳାଙ୍କ ସ୍ୱାସ୍ଥ୍ୟ ଭଲ ରହିବା ସହ ହାଡ ମଜବୁତ ହୋଇଥାଏ । ଆସନ୍ତୁ ଜାଣିବା ମହିଳାଙ୍କ ଲାଗି କେଉଁ ସବୁ ଭିଟାମିନ୍ ଜରୁରୀ ।

**ଭିଟାମିନ୍-ବି ୧୨-**

ସ୍ନାୟୁପ୍ରଣାଳୀରେ ସଠିକ୍ କାର୍ଯ୍ୟ ଏବଂ ଲୋହିତ ରକ୍ତ କଣିକା ଗଠନ ପାଇଁ ଭିଟାମିନ୍ ବି ୧୨ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶରୀରରେ ଏହାର ଅଭାବ ହେତୁ ଥକାପଣ, ଦୁର୍ବଳତା ଓ ରକ୍ତହୀନତା ଭଳି ସମସ୍ୟା ଦେଖା ଦେଇଥାଏ । ଗର୍ଭାବସ୍ଥାରେ ମହିଳାମାନଙ୍କୁ ଅଧିକ ଭିଟାମିନ୍ ବି ୧୨ର ଆବଶ୍ୟକତା ରହିଛି । ମାଂସ, ମାଛ, ଅଣ୍ଡା ଏବଂ ଦୁଗ୍ଧ ଜାତ ଖାଦ୍ୟରୁ ଏହି ଭିଟାମିନ ମିଳିଥାଏ ।

**ଭିଟାମିନ୍ ଡି-**

ଭିଟାମିନ୍ ଡି ହାଡକୁ ମଜବୁତ କରିବାରେ ସାହାଯ୍ୟ କରେ । ବିଶେଷ କରି ମେନୋପଜ୍ ସମୟରେ ହରମୋନ ପରିବର୍ତ୍ତନ ହେବା ଯୋଗୁ ହାଡ ଦୁର୍ବଳ ହୋଇଥାଏ । ଯାହା ଅଷ୍ଟିଓପୋରୋସିସ୍ ? ଭଳି ସମସ୍ୟାର ଆଶଙ୍କା ବଢାଇଥାଏ । ଭିଟାମିନ୍ ? ଡି ର ଅଭାବ ହାଡକୁ ଦୁର୍ବଳ କରିପାରେ । ଭିଟାମିନ୍ ? ଡି ର ଅଭାବ ପାଇଁ ସକାଳର ପହିଲି ସୂର୍ଯ୍ୟକିରଣରେ ବାହାରେ ବୁଲିବା ସହ ମାଛ ଏବଂ କ୍ଷୀରକୁ ଖାଦ୍ୟରେ ସାମିଲ କରନ୍ତୁ ।

**ଭିଟାମିନ୍ କେ-**

ପୁରୁଷଙ୍କ ତୁଳନାରେ ମହିଳାଙ୍କର ହୃଦଘାତ ଓ ଅନ୍ୟାନ୍ୟ ହୃଦ ରୋଗରେ ଅଧିକ ମୃତ୍ୟୁ ହୋଇଥାଏ । ଭିଟାମିନ୍ କେ ହୃଦରୋଗର ଆଶଙ୍କାକୁ କମ୍ କରିଥାଏ ଏବଂ ସୁସ୍ଥ ରଖିଥାଏ । ଏଥିପାଇଁ ପ୍ରତ୍ୟେକ ମହିଳା ନିଜ ଖାଦ୍ୟରେ ଭିଟାମିନ୍ କେ କୁ ସାମିଲ କରିବା ନିହାତି ଆବଶ୍ୟକ । ଭିଟାମିନ୍ କେ ପାଇଁ ଆପଣ ସବୁଜ ପନିପରିବା ଖାଇପାରିବେ । ଯେପରିକି ପାଳଙ୍ଗ, ବ୍ରୋକଲି, କୋବି । ମାଛ, ମାଂସ ଏବଂ ଅଣ୍ଡାରେ ମଧ୍ୟ ଭିଟାମିନ୍ କେ ରହିଥାଏ ।

**କ୍ୟାଲସିୟମ-**

ଉହିଳାଙ୍କ ପାଇଁ କ୍ୟାଲସିୟମ ଅତ୍ୟନ୍ତ ଆବଶ୍ୟକ । ବିଶେଷ କରି ଗର୍ଭାବସ୍ଥାରେ ଏହା ଅତ୍ୟନ୍ତ ଜରୁରୀ ହୋଇଥାଏ । ଏହା ଅଷ୍ଟିଓପୋରୋସିସ୍ ?ଭଳି ରୋଗରୁ ଆପଣଙ୍କୁ ରକ୍ଷା କରିଥାଏ । ଗର୍ଭାବସ୍ଥାରେ କ୍ୟାଲସିୟମ ଗର୍ଭସ୍ଥ ଶିଶୁର ହାଡର ବିକାଶ ପାଇଁ ମଧ୍ୟ ଆବଶ୍ୟକ ହୋଇଥାଏ । କ୍ଷୀର, ଦହି, ପନିର ଏବଂ ସବୁଜ ପନିପରିବା ଖାଇବା ଦ୍ୱାରା ଆମ ଶରୀରକୁ କ୍ୟାଲସିୟମ ମିଳିଥାଏ ।



# ଶେଯରେ ବସି ଖାଉଥିଲେ ନିହାତି ଜାଣନ୍ତୁ..

**ପୂ**ର୍ବେ, ଲୋକମାନେ ଭୂମି ଉପରେ ଚକା ପକାଇ ଭୋଜନ କରୁଥିଲେ। କିନ୍ତୁ ପରିବର୍ତ୍ତିତ ସମୟାନୁସାରେ ଏହାର ସ୍ଥାନ ଡାଇନିଂ ଟେବୁଲ୍ ନେଇଗଲା। ହେଲେ ଏବେ ବି କିଛି ଲୋକଙ୍କର ଶେଯ ଉପରେ ବସି ଟିଭି ଦେଖି ଖାଇବାର ଅଭ୍ୟାସ ରହିଛି; ଯାହାକି ସ୍ୱାସ୍ଥ୍ୟ ପକ୍ଷେ ଆଦୌ ଭଲ ନୁହେଁ। ବିଜ୍ଞାନ ବି ଏ କଥାକୁ ସ୍ୱୀକାର କରେ। ବିଶେଷଜ୍ଞଙ୍କ ମତାନୁସାରେ, ଖଟ ଉପରେ ବସି ଖାଇଲାବେଳେ ଆମେ ଖୁବ୍ ରିଲାକ୍ସ ହୋଇ ବସିଥାଉ ନଚେତ୍ ଖଟରେ ଅଧା ଶୋଇ ପଡ଼ିଥାଉ। କିନ୍ତୁ ଭୋଜନ ପାଇଁ ଏହି ଦୁଇଟିଯାକ ଭଙ୍ଗୀ ଆଦୌ ଠିକ୍ ନୁହେଁ। ଏହା ପାଚନ ରସର ନୈସର୍ଗିକ ପ୍ରବାହକୁ ବାଧା ଦେଇଥାଏ; ଫଳରେ ପାଚନତନ୍ତ୍ର ଉପରେ ଏହାର କୁପ୍ରଭାବ ପଡ଼େ ଏବଂ ଖାଦ୍ୟ ଠିକ୍‌ରେ ହଜମ ହୁଏନାହିଁ। ଅନ୍ୟପକ୍ଷେ ଖଟ ଉପରେ ବସି ଖାଇଲାବେଳେ ଅସାବଧାନତାବଶତଃ ଖାଦ୍ୟର କିଛି ଅଂଶ ଶେଯ ଉପରେ ପଡ଼ିଯାଏ; ଫଳରେ ଶେଯ ଅପରିଷ୍କାର ହୁଏ। କିନ୍ତୁ ତାହାକୁ ସଫା ନ କରି ସେମିତି ଛାଡ଼ିଦେଲେ ଆଉ ପରେ ସେଥିରେ ଶୋଇଲେ ଫଙ୍ଗସ୍ ଇନ୍‌ଫେକ୍ସନ୍ ହୋଇ ଆଲର୍ଜି ଓ ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଥାଏ। ଏହାଛଡ଼ା ଶେଯରେ ବସି ଖାଇଲେ ଶରୀରର ଓଜନ ବଢ଼ିବା ସଙ୍ଗେସଙ୍ଗେ ନିଦ୍ରାଜନିତ ସମସ୍ୟା ଦେଖାଯାଇଥାଏ ବୋଲି ଅନେକେ ମତ ଦେଇଥା'ନ୍ତି।

# ଫେସିଆଲ ପରେ କରନ୍ତୁନି ଏମିତି ଭୁଲ୍

**ବା**ୟୁ ପ୍ରଦୂଷଣ ଯୋଗୁ ଆମ ସ୍କିନ୍‌ରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ। ଫଳରେ ସ୍କିନ୍ ବହୁ ଶୀଘ୍ର ଖରାପ୍ ହେବାକୁ ଲାଗେ। ସ୍କିନ୍‌କୁ ଡଲ୍ ହେବାଠୁ ବଞ୍ଚାଇବାକୁ ହେଲେ ପ୍ରତି ମାସରେ ଫେସିଆଲ୍ କରିବା ନିହାତି ଜରୁରୀ। ଫଳରେ ଏହାର ଫାଇଦା ଆପଣଙ୍କୁ ମିଳିପାରିବ। କିନ୍ତୁ କେତେକେ ଅଛନ୍ତି ଫେସିଆଲ୍ କରିବା ସତ୍ତ୍ୱେ ତାଙ୍କ ମୁହଁରେ ଗ୍ଲୋ ଦେଖାଯାଇ ନ ଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦିଆଯାଉଛି ଯାହାକୁ ଫଲୋ କରିବା ଦ୍ୱାରା ଆପଣଙ୍କ ସ୍କିନ୍ ଗ୍ଲୋ କରିଥାଏ



**ମୁହଁରେ ବାରମ୍ବାର ହାତ ମାରିବା**

ଫେସିଆଲ୍ ପରେ ଯଦି ଆପଣ ନିଜ ମୁହଁରେ ବାରମ୍ବାର ହାତ ମାରୁଛନ୍ତି ତେବେ ହାତରେ ଥିବା ସଂକ୍ରମଣ ସ୍କିନ୍‌ରେ ପହଞ୍ଚିବ । ଫଳରେ ମୁଖବ୍ରଣ ସମସ୍ୟା ଦେଖାଯିବା ଆଶଙ୍କା ରହିଛି।

**ମେକ୍‌ଅପ୍ କରିବା**

ସବୁବେଳେ ଗୋଟିଏ କଥା ଧ୍ୟାନରେ ରଖନ୍ତୁ ଯେ ଫେସିଆଲ୍ ପରେ ତୁରନ୍ତ ମେକ୍‌ଅପ୍ ନିଅନ୍ତୁ ନାହିଁ। ଏହାଦ୍ୱାରା ସ୍କିନ୍‌ର କ୍ଷତି ହୋଇପାରେ। ଏଥିପାଇଁ ଭଲ ହେବ ଯଦି ଆପଣଙ୍କୁ କୌଣସି ଫଙ୍କସନକୁ ଯିବାର ଥାଏ ତେବେ ଏହାର ୩ ଦିନ ପୂର୍ବରୁ ଫେସିଆଲ୍ କରାଇ ନିଅନ୍ତୁ। ଏମିତି କରିବା ଦ୍ୱାରା ଫେସିଆଲ ପରେ ଓପନ ପୋର୍ସକୁ ମେକ୍‌ଅପ୍ କେମିକାଲଠୁ ସ୍କିନ୍‌କୁ ରକ୍ଷା କରିହେବ।

**ଫେସ୍‌ୱାଶ୍ କିମ୍ବା ସ୍କ୍ରବ୍ କରନ୍ତୁ ନାହିଁ**

ଫେସିଆଲ୍ କରିବାର ୪-୬ ଘଣ୍ଟା ମଧ୍ୟରେ ଫେସ୍‌ୱାଶ୍ କିମ୍ବା ସ୍କ୍ରବ୍ ବ୍ୟବହାର କରନ୍ତୁ ନାହିଁ। ଯଦି ଆପଣ ଭାବୁଥାନ୍ତି ମୁହଁକୁ ଧୋଇବା ଆବଶ୍ୟକ ବୋଲି ତେବେ ମୁହଁକୁ କେବଳ ଖାଲି ପାଣିରେ ହିଁ ଧୋଇଦିଅନ୍ତୁ। ଧ୍ୟାନରଖନ୍ତୁ ମୁହଁକୁ ପୋଛିବା ସମୟରେ ଟାୱେଲକୁ ମୁହଁରେ ରଗଡ଼ନ୍ତୁ ନାହିଁ। ଏମିତି କରିବା ଦ୍ୱାରା ସ୍କିନ୍ ଡ୍ୟାମେଜ୍ ହୋଇପାରେ ଫେସିଆଲର ପ୍ରଭାବ କମ୍ ହୋଇଯିବା ଆଶଙ୍କା ରହିଛି।

**ଖରାରେ ବାହାରକୁ ବାହାରନ୍ତୁନି**

ଫେସିଆଲ୍ କରିବା ପରେ ତୁରନ୍ତ ଖରାକୁ ବାହାରନ୍ତୁ ନାହିଁ। ଫେସିଆଲ୍ ପରେ ତ୍ୱଚା ବହୁତ ନମନୀୟ ରହିଥାଏ। ଧୂଳି,ଖରା ଆଦି ତ୍ୱଚା ଲାଗି ହାନିକାରକ ହୋଇପାରେ। ଏଥିପାଇଁ କୌଣସି ପ୍ରକାର ଆଲର୍ଜିଠାରୁ ଦୂରେଇ ରହିବାକୁ ହେଲେ ଫେସିଆଲ୍ ପରେ ଖରାକୁ ବାହାରନ୍ତୁ ନାହିଁ।

**ୱାକ୍ସିଂ କରନ୍ତୁ ନାହିଁ**

ଯଦି ଆପଣ ୱାକ୍ ?ସିଂ କରିବାକୁ ଭାବୁଥାନ୍ତି ତେବେ ଭଲ ହେବ ଫେସିଆଲ ପୂର୍ବରୁ ଏହାକୁ କରାଇ ନିଅନ୍ତୁ। କାରଣ ଫେସିଆଲ୍ ? କରିବା ପରେ ସ୍କିନ୍ ? ବହୁତ ସେନ୍‌ସିଟିଭ୍ ରହିଥାଏ। ଏମିତିରେ ଯଦି ଆପଣ ମୁହଁରେ ୱାକସିଂ କରିବାକୁ ଭାବୁଥାନ୍ତି ଏହା ସ୍କିନ୍‌କୁ ଡ୍ୟାମେଜ୍ କରିବାର ଯଥେଷ୍ଟ ଆଶଙ୍କା ରହିଛି।

# ଗୃହିଣୀଙ୍କ ପାଇଁ...



**ଟୁ**ଥ୍‌ପେଷ୍ଟ କେବଳ ଦାନ୍ତ ସଫା କରିବା ସହ ଅନେକ କାମରେ ଆସିଥାଏ। ଆପଣ ପ୍ରତିଦିନର କେତୋଟି କାମରେ ଏହାର ଉପଯୋଗ କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ.....

ଜୁଏଲେରି ସଫା: ଜୁଏଲେରିକୁ ସଫା କରିବାକୁ ହେଲେ ଆପଣ ଟୁଥ୍‌ପେଷ୍ଟକୁ ବ୍ୟବହାର କରିପାରିବେ। ଏଥିପାଇଁ ଟୁଥ୍ ?ପେଷ୍ଟରେ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏବେ ଏହି ପେଷ୍ଟକୁ ଗୋଲ୍ଡ ଜୁଏଲେରି ଉପରେ ଲଗାନ୍ତୁ। ଏହା ପରେ ନରମ ବ୍ରଶ୍ କିମ୍ବା ସ୍କ୍ରବ୍ ସାହାଯ୍ୟରେ ଘସି ଏହାକୁ ସଫା କରିପାରିବେ। ଏହାଦ୍ୱାରା ଆପଣଙ୍କ ଜୁଏଲେରି ବିଲ୍‌କୁଲ୍ ନୂଆ ଦେଖାଯିବ।

ଟ୍ରଲି ବ୍ୟାଗ୍ କ୍ଲିନ୍ : ଟ୍ରଲି ବ୍ୟାଗ୍‌ରେ ଲାଗିଥିବା ଦାଗ ସଫା କରିବାକୁ ହେଲେ ଟୁଥ୍‌ପେଷ୍ଟର ସାହାଯ୍ୟ ନେଇପାରିବେ। ଏଥିପାଇଁ ଅଧା ଚାମଚ ଟୁଥ୍ ?ପେଷ୍ଟରେ ଏକ ଚାମଚ ବେକିଂ ସୋଡ଼ା ମିଶାଇ ଟ୍ରଲି ବ୍ୟାଗ୍ ଉପରେ ଲଗାନ୍ତୁ। ପୁଣି ସଫା କପଡ଼ାରେ ପୋଛି ବ୍ୟାଗ୍‌କୁ କ୍ଲିନ୍ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଟ୍ରଲି ବ୍ୟାଗ୍ ନୂଆ ଭଳି ଦେଖାଯିବ।

ଟାଇଲ୍ସ କ୍ଲିନ୍: ଘରେ ଏବଂ ବାଥ୍ ?ରୁମ୍ ?ରେ ଲାଗିଥିବା ଟାଇଲ୍ସକୁ ସଫା କରିବାକୁ ହେଲେ ଆପଣ ଟୁଥ୍‌ପେଷ୍ଟ ବ୍ୟବହାର କରିପାରିବେ। ଏଥିପାଇଁ ଟୁଥ୍‌ପେଷ୍ଟରେ ନଖ ଉଷୁମ ପାଣି ମିଶାଇ ଏଥିରେ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଦାଗ ଲାଗିଥିବା ସ୍ଥାନରେ ଲଗାଇ ନରମ ସ୍କ୍ରବ୍ ସାହାଯ୍ୟରେ ରଗଡ଼ନ୍ତୁ। ଏହାଦ୍ୱାରା ଘରେ ଲାଗିଥିବା ଟାଇଲ୍ସ ତୁରନ୍ତ ସଫା ହୋଇଯିବ।

କାନ୍ଥକୁ ଫିଲ୍ କରନ୍ତୁ: ଘର କାନ୍ଥରେ ବେଳେବେଳେ କ୍ରାକ୍ ଦେଖିବାକୁ ମିଳେ। ଫଳରେ କାନ୍ଥ ଅସୁନ୍ଦର ଦେଖାଯାଏ। ଏମିତିରେ ଆପଣ ଟୁଥ୍‌ପେଷ୍ଟର ବ୍ୟବହାରକରି ହୋଲ୍ସ ଗୁଡ଼ିକୁ ଫିଲ୍ ? କରିପାରିବେ।

# ଆରେଞ୍ଜ୍ ମ୍ୟାରେଜରେ ଉତ୍ତମ ଜୀବନସାଥୀ...

**ଆଜିକାଲି ସମୟରେ ଭଲ ଜୀବନସାଥୀଟିଏ ମିଳିବା ବହୁତ କଷ୍ଟସାଧ୍ୟ। କାରଣ ଏହାର ପ୍ରଭାବ ଆପଣଙ୍କ ପୂରା ଜୀବନ ଉପରେ ପଡ଼ିଥାଏ। ବିଶେଷକରି ଆରେଞ୍ଜ ମ୍ୟାରେଜ ବା ପ୍ରସ୍ତାବିତ ବିବାହ କରୁଥିଲେ କିଛି କଥା ପ୍ରତି ଧ୍ୟାନ ଦେବା ଜରୁରୀ ଅଟେ। ସେ ଝିଅ ହୁଅନ୍ତୁ କି ପୁଅ। ଆମ ଦେଶରେ ଦେଖାଯାଏ ପୁଅମାନଙ୍କ ପରିବାର ଝିଅ କେମିତିକା ଜାଣିବା ବହୁତ ଜରୁରୀ ଅଟେ। ଏହା ପରେ ପୁଅ କିମ୍ବା ଝିଅଙ୍କ ପସନ୍ଦ ବିଷୟରେ ପଚରା ଯାଇଥାଏ। ଆରେଞ୍ଜ ମ୍ୟାରେଜରେ ଜଣେ ଭଲ ଜୀବନସାଥୀ ମିଳିଲେ ଜୀବନ ପୂରା ବଦଳି ଯାଇଥାଏ ଉଭୟ ଝିଅ ଆଉ ପୁଅ ଖୁସିରେ ରହିଥାନ୍ତି। ମାତ୍ର ବେଳେବେଳେ ଏହି ମ୍ୟାରେଜ ଯୋଗୁ ସାରା ଜୀବନ ପସ୍ତାଇବାକୁ ବି ପଡ଼ିଥାଏ। ତେଣୁ ଆରେଞ୍ଜ ମ୍ୟାରେଜ କରୁଥିଲେ କିଛି କଥା ପ୍ରତି ନିଶ୍ଚିତ ଧ୍ୟାନ ଦିଅନ୍ତୁ...**



ଆରେଞ୍ଜ ମ୍ୟାରେଜରେ ଲୋକମାନେ ବିଶେଷକରି ପାରିବାରିକ ସ୍ଥିତି, ସାମାଜିକ ସ୍ଥିତି ଏବଂ ପରିବାରର ଆର୍ଥିକ ସ୍ଥିତି ପ୍ରତି ଧ୍ୟାନ ଦେଇଥାନ୍ତି। ମାତ୍ର ଭାବପ୍ରବଣ, ସୁସଙ୍ଗତତା ଜୀବନଶୈଳୀକୁ ମଧ୍ୟ ଅଣଦେଖା କରନ୍ତୁ ନାହିଁ। କାରଣ ଏହି କଥାଗୁଡ଼ିକ ଭବିଷ୍ୟତରେ ଅନେକ ଚ୍ୟାଲେଞ୍ଜର କାରଣ ହୋଇପାରେ।

କିଛି ଲୋକ ପାରିବାରିକ ଚାପ ଯୋଗୁ ନିଜର ପ୍ରାଥମିକତାକୁ ଅଣଦେଖା କରିଥାନ୍ତି। ଅର୍ଥାତ ନିଜର ଇଚ୍ଛାକୁ ଅବହେଳା କରନ୍ତି। ଜୀବନସାଥୀ ବାଛିବା ପୂର୍ବରୁ ଆପଣଙ୍କ ପରିବାର ପ୍ରଥମେ ନିଜର ପ୍ରାଥମିକତା ଏବଂ ଇଚ୍ଛା ସମ୍ପର୍କରେ ଜଣାଇ ଦିଅନ୍ତୁ। ପରବର୍ତ୍ତୀ ସମୟରେ ଆପଣଙ୍କ ଜୀବନସାଥୀ ଆପଣଙ୍କ ଏହି କଥାର ଧ୍ୟାନ ରଖିବେ।

ତରବରିଆ ଭାବରେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ସେ ଝିଅ ଦେଖି ହେଉ କି ପୁଅ । ଲଭ୍ ? ମ୍ୟାରେଜରେ ଝିଅ-ପୁଅ ଆଗରୁ କଥା ହୋଇ ପରସ୍ପରକୁ ଜାଣିଥାନ୍ତି। ମାତ୍ର ଆରେଞ୍ଜ ମ୍ୟାରେଜରେ ଟିକେ ଭିନ୍ନ ହୋଇଥାଏ। ତେଣୁ କିଛିଦିନ ଝିଅ-ପୁଅ କଥା ହେବା ଜରୁରୀ। ଏହାଦ୍ୱାରା ପରସ୍ପରକୁ ଜାଣିପାରିବେ।

ଆରେଞ୍ଜ ମ୍ୟାରେଜରେ ଝିଅ ହୁଅନ୍ତୁ କି ପୁଅ ଜୀବନସାଥୀ ବାଛିବା ଅଧିକାର ପରିବାରକୁ ଦେଇଥାନ୍ତି। ବିବାହ ପରେ ଯଦି କିଛି ଅସୁବିଧା ହୁଏ ତେବେ ସେମାନେ ସମ୍ପୂର୍ଣ୍ଣ ଦୋଷ ପରିବାର ଲୋକଙ୍କୁ ଦେଇଥାନ୍ତି। ତେଣୁ ଆପଣ ଏସବୁ ସବୁଥିରୁ ବଞ୍ଚିବାକୁ ଚାହୁଁଥିଲେ ବା ଆରେଞ୍ଜ ମ୍ୟାରେଜକୁ ସଫଳ କରିବାକୁ ଚାହୁଁଥିଲେ ଉପରୋକ୍ତ କଥା ପ୍ରତି ଧ୍ୟାନ ଦିଅନ୍ତୁ। ବୈବାହିକ ଜୀବନ ହସଖୁସିରେ ଚାଲିବ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ




**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୭୭ ଜଣ ଅଭିଯୋଗକାରୀ ନିଜ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ। ସେଗୁଡିକ ମଧ୍ୟରୁ ୧୪୩ ଗୋଟି ବ୍ୟକ୍ତିଗତ, ୧୩ ଗୋଟି ସାମୁହିକ, ୦୯ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଏବଂ ୧୨ ଗୋଟି ରେଡ଼ କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୨୬ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ପ୍ରଭାତ କୁମାର ବେହେରା, ଉପ-ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବୀୟ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ନଦରୁ ଅଜଣା ବ୍ୟକ୍ତିର ଗଳିତ ମୃତଦେହ ଉଦ୍ଧାର

**ଯାଜପୁର:** ଯାଜପୁର ଜିଲା ଧର୍ମଶାଳା ବ୍ଲକ ବ୍ରହ୍ମବରଦା ଥାନ ଅଧିନସ୍ଥ ବ୍ରାହ୍ମଣୀ ନଦୀ କୂଳରୁ ଜଣେ ଅଜଣା ବ୍ୟକ୍ତିର ଗଳିତ ମୃତଦେହ ଉଦ୍ଧାର ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଏହି ଥାନା ଅନ୍ତର୍ଗତ ନୂଆକୂଳ ଗ୍ରାମ ନଦୀ ଛନ୍ଦାରୁ । ଗତ କିଛିଦିନ ହେବ ନଦୀ କୂଳରେ ଦୁର୍ଗନ୍ଧ ବାହାରି ଥିଲା । ତେବେ ଆଜି ପ୍ରବଳ ମାତ୍ରାରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ନଦୀ କୂଳରେ ଶୋଇଥିବା ଏକ ବାଉଁଶ ଗଛରେ ଏକ ଅଜଣା ବ୍ୟକ୍ତିର ମୃତଦେହ ଲାଖି ଥିବା ଦେଖିବାକୁ ପାଇଥିଲେ । ଏନେଇ ଲୋକେ ବ୍ରହ୍ମବରଦା ଥାନାକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରିଛି । ଥାନରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି । ତେବେ ଏହି ମୃତଦେହଟି ଜଣେ ପୁରୁଷ ବୋଲି ଜଣାପଡିଛି । ନଦୀରେ କେହି ଶବ ସତ୍କାର କରାଯିବା ପରେ ନଦୀରେ ବଢି ପାଣି ଆଣିବା ଫଳରେ କେଉଁ ଆଡୁ ଭାସି ଆସିଥିବା ଅନୁମାନ କରାଯାଉଛି ।

### ଗୋପାଳପୁର ଥାନାରେ ନାବାଳିକା ଫିନାଇଲ ପିଇବା ଘଟଣା

## ପୁରୁଷ ବନ୍ଧୁଙ୍କୁ ଗିରଫ କଲା ପୁଲିସ

ଏମ୍‌କେସିଜିରେ ପୀଡ଼ିତାଙ୍କ ଆଶୁ ଚିକିତ୍ସା ବିଭାଗର ମେଡିସିନ ଓ୍ୱାର୍ଡରେ ତାଙ୍କ ଚିକିତ୍ସା ଚାଲିଛି । ଦୁଇ ଜଣିଆ ଡାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା କରୁଛନ୍ତି । ଯଦିଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି, ତଥାପି ୨୪ ଘଣ୍ଟା ପର୍ଯ୍ୟନ୍ତ ସେ ନିରୀକ୍ଷଣରେ ରହିବେ ବୋଲି ଜଣାପଡ଼ିଛି ।



**ବ୍ରହ୍ମପୁର:** ଗୋପାଳପୁର ଥାନାରେ ନାବାଳିକା ଫିନାଇଲ ପିଇବା ଘଟଣାରେ ପୁରୁଷ ବନ୍ଧୁଙ୍କୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ନାବାଳିକାଙ୍କୁ ଅପହରଣ, ଯୌନ ନିର୍ଯାତନା ନେଇ ପୀଡ଼ିତାଙ୍କ ମା ଥାନାରେ ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୁଲିସ । କେଉଁ ପରିସ୍ଥିତିରେ ଏପରି ହେଲା ତାର ତଦନ୍ତ କରୁଛି ପୁଲିସ।

ସୂଚନା ମୁତାବକ, ଗତକାଲି ସକାଳ ୧୧ଟା ବେଳେ ଜଣେ ନାବାଳିକା ନିଜ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବୁଲିବାକୁ ଆସିଥିଲେ। ସମୁଦ୍ରକୂଳରେ ବୁଲିସାରିବା ପରେ ଜଣକ ଘରକୁ ୨ ଘଣ୍ଟା ପାଇଁ ଭଡ଼ାରେ ମାଗିଥିଲେ। ସେ ମନା କରିବା ପରେ ଥାନାରେ ଅଭିଯୋଗ କରିବାକୁ ପହଞ୍ଚିଥିଲେ। ତେବେ ନାବାଳିକା ହୋଇଥିବାରୁ ତୁରନ୍ତ ପୁଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ନାବାଳିକାଙ୍କ ବାପା ଖବର ପାଇ ଥାନାରେ ପହଞ୍ଚି ଘଟଣା ବିଷୟରେ ଜାଣିବାକୁ ଚାହିଥିଲେ। ତେବେ ଥାନାରେ ବାପାଙ୍କୁ ଦେଖି ନାବାଳିକା ଚିନ୍ତାରେ ପଡ଼ି ଯାଇଥିଲେ। ଭୟ କିମ୍ବା ଅନ୍ୟ କୌଣସି କାରଣରୁ ସେ ଥାନା ଭିତରେ ଫିନାଇଲ୍ ପିଇ ଦେଇଥିଲେ।

ପୁଲିସ ଏହା ଜାଣିବା ପରେ ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରିଥିଲା। ଏମ୍‌କେସିଜି ଆଶୁ ଚିକିତ୍ସା ବିଭାଗର ମେଡିସିନ ଓ୍ୱାର୍ଡରେ ତାଙ୍କ ଚିକିତ୍ସା ଚାଲିଛି। ଦୁଇ ଜଣିଆ ଡାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା କରୁଛନ୍ତି। ଯଦିଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି, ତଥାପି ୨୪ ଘଣ୍ଟା ପର୍ଯ୍ୟନ୍ତ ସେ ନିରୀକ୍ଷଣରେ ରହିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ପି ଡା.ଶରବଣା ବିବେକ ଏମ୍ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କେଉଁ ପରିସ୍ଥିତିରେ ନାବାଳିକା ଥାନାରେ ଫିନାଇଲ୍ ପିଇଲେ ତାହାର ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ବହୁମୂତ୍ର ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ:** ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବହୁମୂତ୍ର ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଆଳସ୍ୟ, ଆମିଷ, କ୍ଷୀର ଜାତୀୟ, ମିଠା, ଅଧିକ ପରିଶ୍ରମ, ଚିନ୍ତା, ଦୁର୍ବଳତା ଯୋଗୁଁ ବୃକକ୍, ଯକୃତ, ପିଟୁଇଟାରି ଗ୍ରନ୍ଥି ଦୁର୍ବଳ ହୋଇ ଆଲବୁମିନ୍, ବସା, ଏମିନୋଏସିଡି ଆଦି ବଢି ବାରମ୍ବାର ପରିସ୍ରା ହୁଏ। ସବୁ ରୁତୁରେ ହେଲେ ମଧ ବର୍ଷା, ଶୀତ ରୁତୁରେ ଅଧିକ ଦେଖାଯାଏ ଜାମୁକୋଳି ମଞ୍ଜି ରସ, କାକ ଦୁମ୍ବର, ଅଁଳା ସମାନ ଭାଗ ନେଇ ଚୁର୍ଣ୍ଣ କରି ସକାଳ ସନ୍ଧ୍ୟା ଦୀର୍ଘ ଦିନ ଖାଇଲେ ଭଲ ହୋଇଯାଏ। ପୃଷ୍ଟିକର ଖାଦ୍ୟ ଖାଇବେ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା।

## ନିଶା ବେପାରୀଙ୍କ ଉପରେ ଅପରେସନ 'ପ୍ରହାର'

### ଦିନକରେ ୭୪ ନିଶା ବେପାରୀ ଗିରଫ, ୪୨ଜଣ ଅଭିଯୁକ୍ତଙ୍କୁ ନୋଟିସ୍

**ଭୁବନେଶ୍ୱର:** ନିଶା କାରବାର ମୂଳପୋଛ ପାଇଁ ଅପରେସନ 'ପ୍ରହାର'ର ପ୍ରଥମ ଦିନରେ ସାରା ରାଜ୍ୟରେ ମୋଟ ୧୩୪ଟି ନିଶା ବେପାର ଆଡ୍ଡାରେ ଚଢ଼ଉ ହୋଇଛି । ଦିନକରେ ୧୩୪ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି । ୪୨ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ? ଧରାଇ ଛାଡ଼ିଛି ପୁଲିସ । ପୁଲିସ ଦିନକରେ ୧୫ କେଜି ଗଞ୍ଜେଇ ସହ ୫୨୦୯ ବଲ୍କ ଲିଟର ଦେଶୀ ମଦ, ୯୭ ଲିଟର ବିଅର ଓ ୩୪ ହଜାର ୫୦୦ ବଲ୍କ ଲିଟର ପୋଚ ଜବତ କରିଛି ।

ସେହିପରି ନିଶା ବେପାରୀଙ୍କଠାରୁ ୪୧ ଲକ୍ଷ ୮୫ ହଜାର ୨୮୯ ଟଙ୍କା ସହ ନିଶା କାରବାରରେ ବ୍ୟବହୃତ ୧୧ଟି ଗାଡ଼ିକୁ ଜବତ କରାଯାଇଛି । ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ୧୨ଟି ନିଶା ବେପାରଜନିତ ମାମଲା ରୁଜୁ ହୋଇଛି । ତା' ତଳକୁ ସୁନ୍ଦରଗଡ଼ରେ ୧୦ଟି, କୋରାପୁଟରେ ୯ଟି ଓ ଗଞ୍ଜାମ, ନୟାଗଡ଼ରେ ୭ଟି ଲେଖାଏଁ ମାମଲାରେ ପୁଲିସ ନିଶା ବେପାରୀଙ୍କୁ ବାନ୍ଧିଛି ।




ସୁନ୍ଦରଗଡ଼ରେ ସର୍ବାଧିକ ୧୦ଜଣ ନିଶା ବେପାରୀ ଜେଲ ଯାଇଛନ୍ତି । ଦେବଗଡ଼, ଜଗତସିଂହପୁର, ସୋନପୁର ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ପ୍ରଥମ ଦିନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି । ଦିନସାରା ସନ୍ଧାନ କରି କରି ମାତ୍ର ଗୋଟିଏ ନିଶା ବେପାର ଠାବ କରିବାରେ ସକ୍ଷମ ହୋଇଛି । ସୋନପୁର ଜିଲ୍ଲାରେ ଜଣେ ଗଞ୍ଜେଇ ବେପାରୀଠାରୁ ୧୫ କେଜି ଗଞ୍ଜେଇ ଜବତ ହୋଇଛି ।

## ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

**ମାଲକାନଗିରି,:** ସାର ଯୋଗାଣରେ ଅନିୟମିତତାକୁ ନେଇ ୩୨୬ ନମ୍ବର ଜାତୀୟ ରାଜପଥକୁ ସୋମବାର ଅବରୋଧ କରିଛନ୍ତି ଚାଷୀ । ବର୍ଷା ଋତୁ ସରିବାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି ସାର । ମାଲକାନଗିରି ଜିଲ୍ଲା କାଲିମେଳା ଲାମ୍ପ୍ ରେ ସାର ମିଳୁ ନ ଥିବାରୁ ଚାଷୀ ଦଲାଲ ହାବୁଡ଼ରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ତୁରନ୍ତ ସାର ଯୋଗାଣ ଦାବିରେ କାଲିମେଳା ବ୍ଲକର ଚାଷୀ ମାନେ ରାସ୍ତା ଅବରୋଧ କରିଥିଲେ । ସାର ଯୋଗାଣ ଦାବିରେ ଦୀର୍ଘ ସମୟ ଧରି ଚାଷୀ ମାନେ ଜାତୀୟ ରାଜପଥ ରାସ୍ତା ଅବରୋଧ କରି ଅଡିବସିଥିଲେ । ସେପଟେ କଳା ବଜାରରେ ୟୁରିଆ ସାର ର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି । ବର୍ତ୍ତମାନ ଧାନ ଫସଲ ରେ ଡ଼ିଏପି ଏବଂ ୟୁରିଆ ସାର ର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଡ଼ା ଦରରେ ବିକ୍ରୀ କରି କଳାବଜାରୀ ସୃଷ୍ଟି କରୁଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ଏହାସହ ସରକାର ତୁରନ୍ତ ସାର ଉପଲବ୍ଧ କରିବାକୁ ଦାବି କରିଛନ୍ତି । ତେବେ ଖବର ପାଇ ଘଟଣା ସ୍ଥଳରେ କାଲିମେଳା ଥାନା ପୋଲିସ୍ ପହଂଚି ଚାଷୀ ମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିବା ଜଣାପଡ଼ିଛି ।

## ବଡ଼ଚଣାରେ ଗୋରୁ ବୋଝେଇ କଣ୍ଟେନରକୁ ପିଛା କରି ଧରିଲା ପୁଲିସ



### ଉଦ୍ଧାର ହେଲେ ୪୮ ଜୀବନ୍ତ ଓ ୨୨ ମୃତ ଗୋରୁ

**ବାଲିଚନ୍ଦ୍ରପୁର:** ଗତକାଲି ରାତି ୨ଟାରେ ବଡ଼ଚଣା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବେଣାପୁର ଛକ ଦେଇ ବେଆଇନ ଭାବେ ୭୦ ଗୋରୁ ବୋଝେଇ ଏକ କଣ୍ଟେନର ଯାଉଥିବା ଖବର ପାଇ ବଡ଼ଚଣା ଥାନା ପୁଲିସ କଣ୍ଟେନରକୁ ପିଛା କରିଥିଲେ। ତେବେ ପୁଲିସ ଗାଡ଼ି ପିଛା କରୁଥିବା ଜାଣି ଚାଳକ ଖଇରା ନିକଟରେ କଣ୍ଟେନର ଛାଡ଼ି ଫେରାର ହୋଇ ଯାଇଥିଲା । ସେହି କଣ୍ଟେନର ଭିତରେ ୭୦ ଗୋରୁ ଥିବା ବେଳେ ସେଥିମଧ୍ୟରୁ ୨୨ ଟି ଗୋରୁ ମୃତ ଅବସ୍ଥାରେ ଥିବା ପୁଲିସ ଦେଖିବାକୁ ପାଇଥିଲେ। କଣ୍ଟେନରକୁ ଜବତ କରିବା ସହିତ ଆଜି ମୃତ ଗୋରୁଙ୍କୁ ପୁଲିସ ସତ୍କାର କରିଥିଲେ। ଅନ୍ୟ ଗୋରୁଙ୍କୁ ପୁଲିସ ଗୋଶାଳାରେ ଛାଡ଼ିଥିବା ଜଣାଯାଇଛି।

## ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ, ସଭାପତି ଓ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ

**ବାରିପଦା:** ଓଡିଶା ଆଦର୍ଶ ବିଦ୍ୟାଳୟରେ ଟଂଚକତା କରି ରୋଷେଇଆ, ଜଗୁଆଳି ଆଦି ନିଯୁକ୍ତି ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଶ୍ୟାମାଖୁଂଟା ଫଂଚାୟତ ସମିତିର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ମିଶନ ଶକ୍ତି ସଭାପତି ଓ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ଶ୍ୟାମାଖୁଂଟା ଫଂଚାୟତ ସମିତିର ମିଶନ ଶକ୍ତି ବିପିସି, ବିପିଏମ, ବିଏଲଇ, ସଭାପତି ଓ ସମ୍ପାଦକଙ୍କ ସମ୍ପୃକ୍ତ ଥିବା ବେଳେ ତୁରନ୍ତ ବହିଷ୍କାର ନିମନ୍ତେ ଦାବି କରିଛନ୍ତି। ମହିଳା ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଯୋଜନା ତତ୍କାଳୀନ ବିଜେଡ଼ି ସରକାର ସମୟରେ କାର୍ଯ୍ୟକାରୀ କରାଯାଇଛି।

## ପଦ୍ମଗିରିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ମାଲକାନଗିରି:** ମାଲକାନଗିରି ବ୍ଲକ୍ ପଦ୍ମଗିରୀ ଗ୍ରାମ ଫଂଚାୟତ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୪୫ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ଜଙ୍ଗଲ ଜମି ପଟ୍ଟା, ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା। ଆଜିର ଶିବିରରେ ୩୬ ଜଣ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ନୂତନ ଭାବେ ୪୫ ଜଣ ଶ୍ରମିକ ନାମ ପଞ୍ଜିକରଣ କରିଥିଲେ। ସେହିପରି ୮ ଜଣ ହିତାଧୀକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକୃତ ହୋଇଛନ୍ତି। ନୂତନ ଭାବେ ୭ ଜଣ ହିତାଧୀକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି। ସେହିପରି ୩ ଜଣ କୃଷକଙ୍କ ନାମ ପଞ୍ଜିକରଣ ହୋଇଛି। ଆଠ ଜଣ ବ୍ୟକ୍ତିଙ୍କର ଆଧାର କାର୍ଡ ଅପଡେଟ କରାଯାଇଛି । ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଅନେକ ଗ୍ରାମାଂଚଳ ହିତାଧୀକାରୀ ତୁରନ୍ତ ଅନଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତୁରା ଦୀପ ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୩୦ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୧୨ ଗୋଟି ଓ ସାମୂହିକ ୧୮ ଗୋଟି ରହିଥିବା ବେଳେ ୧୫ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତା, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ଶିବିରରେ ଉପ ଜିଲ୍ଲାପାଳ ଧର୍ମଗଡ଼, ପ୍ରେକ୍ଷା ଅଗ୍ରୱାଲ, ଉପ ଜିଲ୍ଲାପାଳ ଭବାନୀ ପାଟଣା ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ଫଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସହ ନିର୍ଦ୍ଦେଶକ,ଜିଲ୍ଲା ସ୍ୱଚ୍ଛ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ କେସିଙ୍ଗାର ଅରଫାନ ଖାନଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆତ୍ୟାଧୁନିକ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

## ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ

### ଏଆଇସିସି ପର୍ଯ୍ୟବେକ୍ଷକ ବଖାଣିଲେ ତଥ୍ୟ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପଦ ପାଇଁ ଚୟନ ପ୍ରକ୍ରିୟା ଆଜି ଠାରୁ ଆରମ୍ଭ ହୋଇଯାଇଛି। ଆଜି ଅପରାହ୍ନ ରେ ସ୍ଥାନୀୟ କଂଗ୍ରେସ ରାଜୀବ ଭବନ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ବାଲେଶ୍ୱର ଜିଲ୍ଲା ପାଇଁ ନିଯୁକ୍ତ ଏ ଆଇ ସି ସି ର ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ରାଜ୍ୟ ହାସାନ ଲୋକ ସଭା ନିର୍ବାଚନମଣ୍ଡଳୀ ର ସାଂସଦ ସ୍ରେୟାସ ଏମ ପଟେଲ ଗୌଡା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲୋକ ସଭା ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏ ଆଇ ସି ସି ସଭାପତି ମଲ୍ଲୀକାର୍ଜୁନ ଖଡ଼ଗେ ଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ 'ସଂଗଠନ ଶ୍ରୀଜନ ଅଭିଯାନ 'ମାଧ୍ୟମ ରେ ଦଳ ଜିଲ୍ଲା ସଭାପତି ଚୟନ କରିବ। ତେଣୁ ଆଜି ସକାଳେ ବ୍ରିଟ କଲ୍ୟାଣ ମଣ୍ଡପ ରେ ସମସ୍ତ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ବିଧାୟକ ପ୍ରାର୍ଥୀ, ବ୍ଲକ ସଭାପତି. ପୂର୍ବତନ ବ୍ଲକ ଚେୟାରମ୍ୟାନ, ସରପଞ୍ଚ, ପୂର୍ବତନ ସରପଞ୍ଚ କର୍ମକର୍ତ୍ତା ଙ୍କୁ ନେଇ ସଭାପତି ଚୟନ ପ୍ରକ୍ରିୟା ଓ ଏ ଆଇ ସି ସି ର ଗାଇଡ଼ ଲାଇନ ଉପରେ ଆଲୋଚନା କରାଯାଇଥିଲା ବୋଲି ଶ୍ରୀ ଗୌଡା କହିଥିଲେ। ସେ ଆଜି ଠାରୁ ସାତ ଦିନ ପର୍ଯ୍ୟନ୍ତ ଜିଲ୍ଲା ର ସମସ୍ତ ନିର୍ବାଚନ ମଣ୍ଡଳୀ ର ବାର ଟି ବ୍ଲକ ଓ ଅନେକ ଫଂଚାୟତ ଗସ୍ତ କରି ଦଳୀୟ ଲୋକ, କର୍ମକର୍ତ୍ତା, କଂଗ୍ରେସ ପ୍ରେମୀ, ସାମାଜିକ କର୍ମ କର୍ତ୍ତା, ଗଣ ମାଧ୍ୟମ ପ୍ରତିନିଧି ଙ୍କ ସହ ବିଶେଷ ଭାବେ ସଭାପତି ପଦ ଉପରେ ଆଲୋଚନା କରିବେ।

## ମହାନଗର ନିଗମ ତରଫରୁ ଧୂମ୍‌ଧାମରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ବ୍ରହ୍ମପୁର (ମାନିସ):** ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହାନଗର ନିଗମ ତରଫରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ଓ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଓଡ଼ିଶା ଗଠନ କରିବାରେ ଗଞ୍ଜାମ ମାଟିର ବରପୁତ୍ର ମାନଙ୍କର ଅବଦାନ ରହିଛି। ଗଞ୍ଜାମ ମାଟିରୁ ଓଡ଼ିଶା ଗଠନ ହୋଇ ପାରିଛି। ଗଞ୍ଜାମ ନଥାନ୍ତା ଆଜି ଓଡିଶା ନଥାନ୍ତା। ଏହି ସଂଘର୍ଷମୟ ମାଟିରେ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା। ସେହିଦିନ ଠାରୁ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା। ସେହିପରି ବ୍ରହ୍ମପୁର ୧୮୬୭ ମସିହାର ସହର। ଗଞ୍ଜାମ ମାଟି ଏକ ସଂଘର୍ଷମୟ ମାଟି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏହି ମାଟିରେ ରଞ୍ଜିତ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ କରି ଥିଲେ। ସେହିପରି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରଧାନମନ୍ତ୍ରୀ, ବିଶ୍ୱ ନାଥ ଦାସ ଓଡ଼ିଶାର ପ୍ରଧାନମନ୍ତ୍ରୀ ଦାୟିତ୍ୱ ବହନ କରିଥିଲେ। ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଆଶା ଖବରକାଗଜ ର ପ୍ରତିଷ୍ଠାତା ଶଶିଭୂଷଣ ରଥଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଅପାର ସମ୍ଭାବନା ର କ୍ଷେତ୍ର ହେଉଛି ବ୍ରହ୍ମପୁର। ସହର ରାସ୍ତା,ନାଳ,ଶିକ୍ଷା,ସ୍ୱାସ୍ଥ୍ୟ ଉପରେ ଅଭିଯୋଗ ଆସିଲେ ସମସ୍ତଙ୍କୁ ସହଯୋଗ କରି ବିକାଶ ଦିଗରେ କାର୍ଯ୍ୟକରିବାକୁ ମନ୍ତ୍ରୀ ଶ୍ରୀ ଜେନା କମିଶନରଙ୍କୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଛତ୍ରପୁର ଓ ଗୋପାଳପୁରକୁ ନେଇ ରିଙ୍ଗ ରୋଡ ଉପରେ ଗୁରୁତ୍ୱ ଦେଉଛି। ଆଶା କରୁଛି ଏହା ସଫଳ ହୋଇପାରିବ। ଚଳିତ ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲ୍ଲା ୧୧ ଜଣ ବିଧାୟକ ଓ ୨ ଜଣ ସଂସଦ ଦେଇଛି। ବ୍ରହ୍ମପୁର ର ବିକାଶ ହେଲେ ଗଞ୍ଜାମ ର ବିକାଶ ହୋଇ ପାରିବ ବୋଲି ସେ କହିଥିଲେ। ଏଠାରେ ଆଇଏମ ନହୋଇ ମଧ ଆଇଜର ହୋଇ ପାରିଛି। ଖୁବ ଶୀଘ୍ର ଆଇଆଇଟି ହେବ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲାର ୫ ଟି ଏନ ଏସିକୁ ମୁନିସିପାଲିଟ ଘୋଷଣା କରିଛନ୍ତି ବୋଲି ସେ କହିଛନ୍ତି। ସମ୍ମାନୀତ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଯୋଗ ଦେଇ ଗଞ୍ଜାମ ସବଳ ଓଡ଼ିଶା ସବଳ ଗଞ୍ଜାମ ଦୁର୍ବଳ ହେଲେ ଓଡ଼ିଶା ଦୁର୍ବଳ ବୋଲି ମତବ୍ୟକ୍ତ କରିଥିଲେ। ବ୍ରହ୍ମପୁର ଏକ ଐତିହାସିକ ସହର। ଏହାର ସର୍ବାଙ୍ଗ ଉର୍ଣ୍ଣତ ହେଲେ ସହର ହୈ।ନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଅନ୍ୟତମ ଅତିଥି ଭାବେ ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଯୋଗ ଦେଇ ବ୍ରହ୍ମପୁର ସହରକୁ ଏକ ସ୍ୱାସ୍ଥ ସୁନ୍ଦର ଭାବରେ ରୁପାନ୍ତରିତ କରିବା ଉପରେ ଯୋଜନା ରହିଛି। ମହାନଗର ନିଗମର ନିକଟବର୍ତ୍ତୀ ୧୮ ଟି ଗ୍ରାମ ପଞ୍ଚାୟତକୁ ମିଶ୍ରଣ କାର୍ଯ୍ୟ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ମିଶ୍ରଣ ହେଲେ ପରିଧି ବୃଦ୍ଧି ପାଇବ ଓ ନୂତନ ନାଗରିକ ସୁବିଧା ସହିତ ଏକ ମଡ଼େଲ ସିଟି ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସମସ୍ତ କର୍ପୋରେଟରଙ୍କ ସମେତ ପ୍ରଫେସର ବିଷ୍ଣୁ ଚରଣ ଚୌ।ଧୁରୀ, ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ, ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ବ୍ରହ୍ମପୁର ସଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଡ଼ ନିହାର ରଞ୍ଜନ ସାହୁ,ଡ଼ ସୁଚନା ପାଢ଼ୀ ,ଶକ୍ତି ସୁନ୍ଦର ଡ଼ ବିଦ୍ୟୁତପ୍ରଭା ରଥ,ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁ,ପୂର୍ବତନ କାରିଗିଲ ସୈନିକ ଚିତ୍ର ଶେନ ବାରିକ ଓ ସୁକାନ୍ତି ପାତ୍ର କ୍ରିଡ଼ୀତଙ୍କ ସମେତ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଏକ ସଂସ୍କୃତକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ମେୟର ସଂଘମିତ୍ରା ଦଳେଇ , ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାରଙ୍କ ସମେତ ବହୁ କର୍ପୋରେଟର ମଞ୍ଚାଶୀନ ଥିଲେ ।



## ଖଗସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହେଡ୍ ମାଷ୍ଟରଙ୍କ ଗୁଣ୍ଡାରାଜ୍

**ତୁରେକେଲା:** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଖଗସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହେଡ୍ ମାଷ୍ଟରଙ୍କ ଗୁଣ୍ଡାରାଜ୍। ପୁଅ ସହ ମିଶି ସହାୟକ ଶିକ୍ଷକଙ୍କୁ ଆକ୍ରମଣ କଲେ ପ୍ରଧାନ ଶିକ୍ଷକ। ଦରମା ବଢାଇବା କଥା ପଚାରିବାରୁ ସହାୟକ ଶିକ୍ଷକଙ୍କୁ ମାଡ଼। ଗାଡ଼ି ଭାଙ୍ଗିଦେଲେ ବାପା-ପୁଅ।

ସୂଚନାନୁଯାୟୀ, ତୁରେକେଲା ବ୍ଲକ ଖଗସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହାୟକ ଶିକ୍ଷକ ପୀତବାସ ସାହୁ ପ୍ରଧାନ ଶିକ୍ଷକ ଶ୍ରୀରାମ ଭୋଇଙ୍କୁ ଗତ ମାସର ଦରମା ବଢାଇବା କଥା ପଚାରିଥିଲେ। ଦରମା ବଢାଇବା କଥା ଶୁଣି ପ୍ରଧାନ ଶିକ୍ଷକ ଚିହିଁକି ଉଠିଥିଲେ। ମୋର୍ ଯାହା ଇଚ୍ଛା ସେୟା କରିବି ବୋଲି କହି ଶ୍ରୀରାମ ଭୋଇ ଆକ୍ରମଣ କରିଥିଲେ। ଏପରିକି ପୀତବାସଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତାଙ୍କ ପୁଅକୁ ଡକାଇ ପୀତବାସଙ୍କୁ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ଗାଡି ଭାଙ୍ଗି ଦେଇଥିଲେ। ଗାଁ ଲୋକେ ଖବର ପାଇ ପ୍ରଧାନ ଶିକ୍ଷକ ଓ ତାଙ୍କ ପୁଅକୁ ଅଟକ ରଖି ପୁଲିସ ଜିମା ଦେଇଛନ୍ତି।



## ମୋଟୁ ତହସିଲ ଅଞ୍ଚଳରେ ସକ୍ରିୟ ବାଲି ମାଫିଆ

**ମାଲକାନଗିରି:** ଜଙ୍ଗଲ ସାଙ୍ଗକୁ ଉଭୟ ନଦୀର ତଟବର୍ତ୍ତୀ ଅଂଚଳ ହୋଇଥିବାରୁ ସରକାରୀ ବାବୁଙ୍କ ଦୃଷ୍ଟି ଆଢୁଆଳରୁ ବର୍ତ୍ତୀ ରହିଥିବା ମାଲକାନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ କୁଟୁମପଲ୍ଲୀ ଅଂଚଳରେ ଚାଲିଛି ବାଲି ମାଫିଆଙ୍କ ରାଜ ! ଗ୍ରାମ ନିକଟସ୍ଥ ନଦୀ ଘାଟରୁ ଲୋଡ ଲୋଡ ବାଲି ବେଆଇନ ଭାବେ ଚାଲାଣ କରାଯାଉଥିବା ଜଣାପଡ଼ିଛି ।

ମାଲକାନଗିରି ଜିଲ୍ଲାର ଜୀବନରେଖା କୁହାଯାଉଥିବା ଶାବେରୀ ନଦୀ ଠାରୁ ମାତ୍ର କେଇ ମିଟର ଦୂରରେ ରହିଥିବା ବିସ୍ତିର୍ଣ୍ଣ ବାଲିକୁ ଟ୍ରାକ୍ଟର ସାହାଯ୍ୟରେ ଲୋଡ କରି ବେଆଇନ ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି । ଅନ୍ୟପଟେ କିଛି ଚାଲାଣକାରୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ନଦୀ ତଟରେ ଥିବା ଜଙ୍ଗଲରେ ମଧ ଲୋଡ ଲୋଡ ବାଲି ଗଚ୍ଛିତ ରଖିଛନ୍ତି । ସୂଚନା ମୁତାବକ ମାଲାକନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ ଏମପିଭି ୫୪ ଓ କୁଟୁମପଲ୍ଲୀ ଗ୍ରାମ ନଦୀ ତଟକୁ ଯାଉଥିବା ରାସ୍ତା ଦେଇ କୁଟୁମପଲ୍ଲୀ ନଦୀ କୂଳରୁ ଦୈନିକ ଟ୍ରାକ୍ଟର ଯୋଗେ ଏହି ବାଲି ଚାଲାଣ କରାଯାଉଥିବା ଜଣାପଡ଼ିଛି । ଏଥିସହ ନଦୀ ଘାଟରୁ ବାଲି ବୋହି ନଦୀ ତଟରେ ଥିବା ଜଙ୍ଗଲରେ ରଖି ଆବଶ୍ୟକ ମୁତାବକ କାମରେ ଲଗାଇବା ପାଇଁ ଚାଲାଣ କରାଯାଉଥିବା ଜଣାପଡ଼ିଛି । ଏହି ସ୍ଥାନରେ ସରକାରୀ ବାବୁଙ୍କ ପାଦ ପଡୁ ନଥିବାରୁ ଏହାର ସୁଯୋଗ ନେଇ ବେଆଇନ ଚାଲାଣକାରୀ ମାନେ ସକ୍ରିୟ ଭାବେ ଏଠାରୁ ବାଲି ଚାଲାଣ କରୁଛନ୍ତି । ଘାଟରୁ ବେଆଇନ ଭାବେ ବାଲି ଚାଲାଣ ଯୋଗୁଁ ସରକାରଙ୍କ ରାଜସ୍ୱ ହାନୀ ହେଉଛି ।

# ନୂଆଦିଲ୍ଲୀରେ ସେମିକନ୍ ଇଣ୍ଡିଆ ୨୦୨୫କୁ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ





**ନୂଆଦିଲ୍ଲୀ(ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଆଜି ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ - ୨୦୨୫ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତ ଏବଂ ବିଦେଶର ସେମିକଣ୍ଡକ୍ଟର ଶିଳ୍ପର ସିଇଓ ଏବଂ ସେମାନଙ୍କ ସହଯୋଗୀଙ୍କ ଉପସ୍ଥିତିକୁ ସ୍ୱୀକାର କରିଛନ୍ତି। ସେ ବିଭିନ୍ନ ଦେଶରୁ ଆସିଥିବା ବିଶିଷ୍ଟ ଅତିଥି, ଷ୍ଟାର୍ଟ-ଅପ୍ ସହ ଜଡିତ ଉଦ୍ୟୋଗୀ ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ସେ ଗତକାଲି ରାତିରେ ଜାପାନ ଏବଂ ଚୀନ ଗସ୍ତରୁ ଫେରିଛନ୍ତି। ଆଜି ସେ ଯଶୋଭୂମିରେ ଏପରି ଦର୍ଶକଙ୍କ ଗହଣରେ ଉପସ୍ଥିତ ଅଛନ୍ତି, ଯେଉଁମାନେ ଆକାଂକ୍ଷା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ରହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ପ୍ରତି ତାଙ୍କର ଆଗ୍ରହ ସର୍ବଦା ସ୍ୱାଭାବିକ ଏବଂ ଏ ବିଷୟରେ ସମସ୍ତେ ପରିଚିତ। ତାଙ୍କର ସାମ୍ପ୍ରତିକ ଜାପାନ ଗସ୍ତ ସମୟରେ, ତାଙ୍କୁ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ଟୋକିଓ ଇଲେକ୍ଟ୍ରୋନ୍ କାରଖାନା ପରିଦର୍ଶନ କରିବାର ସୁଯୋଗ ମିଳିଥିଲା। ସେହି କମ୍ପାନୀର ସିଇଓ ଆଜି ମଧ୍ୟ ଦର୍ଶକଙ୍କ ଗହଣରେ ଉପସ୍ଥିତ ଅଛନ୍ତି। ପ୍ରଯୁକ୍ତିବିଦ୍ୟା ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ବାରମ୍ବାର ଏପରି ସମାବେଶ ଆଡ଼କୁ ଆକର୍ଷିତ କରିଥାଏ। ଆଜି ଦର୍ଶକଙ୍କ ମଧ୍ୟରେ ଉପସ୍ଥିତ ରହିବା ତାଙ୍କୁ ବହୁତ ଆନନ୍ଦ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶ୍ରୀ ମୋଦୀ କହିଥିଲେ, ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ୍ୟ ରହିଛି। ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥାଏ, ''ବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହିତ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ ବିଶ୍ୱ ପ୍ରସ୍ତୁତ ରହିଛି।'' ପ୍ରଧାନମନ୍ତ୍ରୀ ସେମିକନ୍ ଇଣ୍ଡିଆରେ ଯୋଗ ଦେଇଥିବା ସମସ୍ତ ବିଶିଷ୍ଟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେମାନେ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଆଡକୁ ଭାରତର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ନିକଟରେ ପ୍ରକାଶ ପାଇଥିବା ଚଳିତ ବର୍ଷର ପ୍ରଥମ ତ୍ରୈମାସର ଜିଡିପି ଅଭିବୃଦ୍ଧି ସଂଖ୍ୟା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ଅଭିବୃଦ୍ଧି ପୁଣିଥରେ ସବୁ ଆକଳନ, ପ୍ରତ୍ୟାଶା ଏବଂ ପୂର୍ବାନୁମାନକୁ ପଛରେ ପକାଇ ଦେଇଛି। ସେ କହିଥିଲେ, ସାରା ବିଶ୍ୱର ବିଭିନ୍ନ ଅର୍ଥବ୍ୟବସ୍ଥା ନାନା ସମସ୍ୟାର ସାମନା କରୁଛନ୍ତି। ଆର୍ଥିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ଆହ୍ୱାନ ସତ୍ତ୍ୱେ ଭାରତ ୭.୮ ପ୍ରତିଶତ ବିକାଶ ହାର ହାସଲ କରିଛି। ଉତ୍ପାଦନ, ସେବା, କୃଷି ଏବଂ ନିର୍ମାଣ ସମେତ ସବୁ କ୍ଷେତ୍ରରେ ଅଭିବୃଦ୍ଧି ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଛି। ଅର୍ଥବ୍ୟବସ୍ଥାକୁ ନେଇ ରହିଥିବା ଉତ୍ସାହ ସବୁଆଡ଼େ ଦେଖିବାକୁ ମିଳୁଛି। ଭାରତର ଦ୍ରୁତ ଅଭିବୃଦ୍ଧି ଶିଳ୍ପ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ନୂତନ ଉର୍ଜା ସଞ୍ଚାର କରୁଛି। ଅଭିବୃଦ୍ଧିର ଏହି ଗତିପଥ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ନେଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

''ତେଲ ଥିଲା କଳା ସୁନା, କିନ୍ତୁ ଚିପ୍ସଗୁଡ଼ିକ ଡିଜିଟାଲ ଡାଇମଣ୍ଡ।'' ସେମିକଣ୍ଡକ୍ଟର ଦୁନିଆରେ ଏହି ଚର୍ଚ୍ଚିତ ଉକ୍ତିକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ଦଶନ୍ଧି ତୈଳ ଦ୍ୱାରା ପରିଭାଷିତ ହୋଇଥିଲା। ତୈଳ କୂପ ଜରିଆରେ ଦୁନିଆର ଭାଗ୍ୟ ନିର୍ଦ୍ଧାରଣ ହୋଇଥିଲା। ଏସବୁ କୂପରୁ କେତେ ପେଟ୍ରୋଲିୟମ ଉତ୍ପାଦିତ ହେଉଛି, ତାହାକୁ ଆଧାର କରି ବିଶ୍ୱ ଅର୍ଥବ୍ୟବସ୍ଥାର ଉତ୍ଥାନପତନ ହେଉଥିଲା। ତେବେ ଏକବିଂଶ ଶତାବ୍ଦୀର ସାମର୍ଥ୍ୟ କ୍ଷୁଦ୍ର ଚିପ୍ ଉପରେ ନ୍ୟସ୍ତ ରହିଛି ବୋଲି ସେ ଜୋର ଦେଇ କହିଥିଲେ। କ୍ଷୁଦ୍ରାକୃତି ହେବା ସତ୍ତ୍ୱେ ଏସବୁ ଚିପରେ ବିଶ୍ୱର ପ୍ରଗତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବାର ଅପାର ସମ୍ଭାବନା ରହିଛି। ଶ୍ରୀ ମୋଦୀ କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ବଜାରର ଆକାର ୬୦୦ ବିଲିୟନ ଡଲାରରେ ପହଞ୍ଚି ସାରିଛି। ଆଗାମୀ ଦିନରେ ଏହା ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯେଉଁଳି ଗତିରେ ଅଗ୍ରସର ହେଉଛି, ତା'କୁ ଦେଖିଲେ ୧ ଟ୍ରିଲିୟନ ଡଲାର ବଜାରରେ ଭାରତ ଏକ ବଡ଼ ଅଂଶଧନ ହାସଲ କରିବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ।

ଭାରତ ଯେଉଁ ଗତିରେ ଆଗକୁ ବଢୁଛି ତାହା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୨୧ ମସିହାରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୨୦୨୩ ସୁଦ୍ଧା ଭାରତର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ମଞ୍ଜୁର କରାଯାଇଥିଲା। ୨୦୨୪ରେ ଆହୁରି କିଛି ପ୍ଲାଣ୍ଟକୁ ମଞ୍ଜୁରି ମିଳିଥିଲା। ୨୦୨୫ରେ ପାଞ୍ଚଟି ଅତିରିକ୍ତ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଅନୁମୋଦନ କରାଯାଇଛି। ବର୍ତ୍ତମାନ ମୋଟ୍ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଚାଲିଛି। ଏଥିରେ ୧୮ ବିଲିୟନ ଡଲାରରୁ ଅଧିକ, ଅର୍ଥାତ୍ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସାମିଲ ରହିଛି। ଏହା ଭାରତ ପ୍ରତି ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ। ଶ୍ରୀ ମୋଦୀ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରର ପ୍ରଗତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେ କହିଥିଲେ, ଫାଇଲ୍ ରୁ କାରଖାନା ପର୍ଯ୍ୟନ୍ତ ସମୟ ଯେତେ କମ ହେବ ଏବଂ କାଗଜପତ୍ର ଯେତେ କମ ହେବ, ସେତେ ଶୀଘ୍ର ୱେଫର କାର୍ଯ୍ୟ ଆରମ୍ଭ ହୋଇପାରିବ। ସରକାର ଏହି ପଦ୍ଧତିରେ ଏବେ କାମ କରୁଛନ୍ତି। ଜାତୀୟ ଏକକ ୱିଣ୍ଡୋ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି, ଯାହା କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ସମସ୍ତ ଅନୁମୋଦନକୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ କରିପାରିବ। ଫଳସ୍ୱରୂପ, ନିବେଶକମାନଙ୍କୁ ବ୍ୟାପକ କାଗଜପତ୍ରରୁ ସମସ୍ୟାରୁ ମୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଗୋଟିଏ ପ୍ଲଗ୍-ଏଣ୍ଡ-ପ୍ଲେ ଭିତ୍ତିଭୂମି ମଡେଲ ଅଧୀନରେ ଦେଶବ୍ୟାପୀ ସେମିକଣ୍ଡକ୍ଟର ପାର୍କ ବିକଶିତ କରାଯାଉଛି, ଯାହା ଜମି, ବିଦ୍ୟୁତ୍ ଯୋଗାଣ, ବନ୍ଦର ଓ ବିମାନବନ୍ଦର ସଂଯୋଗୀକରଣ ଏବଂ ଏକ ଦକ୍ଷ ଶ୍ରମିକ ପୁଲ ଭଳି ସୁବିଧା ପ୍ରଦାନ କରିଥାଏ। ଯେତେବେଳେ ଏପରି ଭିତ୍ତିଭୂମିକୁ ପ୍ରୋତ୍ସାହନ ସହିତ ଯୋଡାଯାଏ, ସେତେବେଳେ ଶିଳ୍ପ ଅଭିବୃଦ୍ଧି ଅନିବାର୍ଯ୍ୟ ବୋଲି ସେ ଦୃଢ଼ ଭାବେ କହିଥିଲେ। ପିଏଲଆଇ ପ୍ରୋତ୍ସାହନ କିମ୍ବା ଡିଜାଇନ୍ ଆଧାରିତ ଅନୁଦାନ ମାଧ୍ୟମରେ, ଭାରତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ କ୍ଷମତା ପ୍ରଦାନ କରୁଛି। ଏହି କାରଣରୁ ନିବେଶ ପ୍ରବାହ ଜାରି ରହିଛି ବୋଲି ସେ କହିଥିଲେ। ଭାରତ ବ୍ୟାକଏଣ୍ଡ କାର୍ଯ୍ୟରୁ ଆଗକୁ ବଢ଼ି ଏକ ପୂର୍ଣ୍ଣ-ଷ୍ଟାକ୍ ସେମିକଣ୍ଡକ୍ଟର ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଛି ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ, ସେହି ଦିନ ଆଉ ବେଶୀ ଦୂର ନାହିଁ ଯେତେବେଳେ ଭାରତର ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବ। ''ଆମର ଯାତ୍ରା ବିଳମ୍ବରେ ଆରମ୍ଭ ହୋଇଥିଲା... କିନ୍ତୁ ଏବେ ଆମକୁ କିଛି ରୋକିପାରିବ ନାହିଁ'', ପ୍ରଧାନମନ୍ତ୍ରୀ କହିଥିଲେ। ସିଜି ପାୱାରର ପ୍ରଥମ ପ୍ଲାଣ୍ଟ ଅଗଷ୍ଟ ୨୮ରେ, ମାତ୍ର ୪-୫ ଦିନ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ସେ ସୂଚନା ଦେଇଥିଲେ।

# କିଟ୍‌ରେ ୩୧ତମ ରାଜ୍ୟ ଏସ୍‌ଏନ୍‌ଏଆଇ ଦ୍ୱିବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ




**ଭୁବନେଶ୍ୱର:** କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟୁଡେଣ୍ଟ ନର୍ସେସ୍ ଆସୋସିଏସନ ଅଫ୍ ଇଣ୍ଡିଆ(ଏସ୍‌ଏନ୍‌ଏଆଇ) ଓଡ଼ିଶା ରାଜ୍ୟ ଶାଖାର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘ (ଟିଏନ୍‌ଏଆଇ)ର ଓଡ଼ିଶା ଶାଖା ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ନର୍ସିଂ ସାଇନ୍‌ସେସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟରୁ ଦୁଇ ହଜାରରୁ ଊର୍ଦ୍ଧ୍ୱ ନର୍ସିଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ମିଳନୀର ବିଷୟବସ୍ତୁ ଥିଲା 'ଆଜିର ଶିକ୍ଷା, କାଲିର ନେତୃତ୍ୱ: ଜଣେ ନର୍ସିଂ ଛାତ୍ରୀଙ୍କ ଯାତ୍ରା'। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଲେ ନର୍ସିଂ ସେବା ଏକ ବୃତ୍ତି ନୁହେଁ ଏହା ଏକ ବ୍ରତ। ସେବା ମନୋବୃତ୍ତି ଏବଂ ପ୍ରତିବଦ୍ଧତା ହେଉଛି ନର୍ସିଂ ସେବାର ମୂଳମନ୍ତ୍ର। ନର୍ସମାନେ ଜାତି, ବର୍ଣ୍ଣ ଧନୀ, ଗରିବ ବାଛ ବିଚାର ନ କରି ସମସ୍ତଙ୍କ ପ୍ରତି ସମାନ ଆଚରଣ ସହ ସମାନ ସେବା ଯୋଗାଇ ଦେଇଥାନ୍ତି। ସେମାନଙ୍କ ସେବା ଆଗରେ ଆମ ସମସ୍ତଙ୍କର ମୁଣ୍ଡ ନୁଆଁଇବା କର୍ତ୍ତବ୍ୟ ବୋଲି ଶ୍ରୀ ସାମଲ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ନର୍ସମାନଙ୍କୁ ଭଗବାନଙ୍କ ଦୂତ ଭାବେ ଅଭିହିତ କରିଥିଲେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କର ଏକ ବଡ଼ ଭୂମିକା ରହିଛି ବୋଲି ସେ କହିଥିଲେ। ରୋଗୀଟିଏ ସୁସ୍ଥ ହେବା ପାଇଁ ନର୍ସର ତ୍ୟାଗ ରହିଥାଏ। ସେଥିପାଇଁ ସମାଜରେ ନର୍ସମାନଙ୍କୁ ଅନନ୍ୟ ଭାବେ ବିବେଚନା କରାଯାଏ ବୋଲି ଶ୍ରୀ ମିଶ୍ର କହିଥିଲେ। କିମ୍ସ ମେଡ଼ିକାଲ କଲେଜ ଅଧକ୍ଷ ପ୍ରଫେସର ଡ଼ା. ଆର. ସି. ଦାସ କହିଲେ, ନର୍ସିଂ ଗୋଟିଏ ବୃତ୍ତି ନୁହେଁ, ଏହା ହେଉଛି ମାନବିକତା ପ୍ରତି ପ୍ରତିବଦ୍ଧତା। ଜଣେ ରୋଗୀ ପାଇଁ ଗୋଟିଏ ନର୍ସ ବହୁତ କିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡ଼ା ସିବିକେ ମହାନ୍ତି, ଟିଏନଏଆଇର ଉପସଭାପତି (ପୂର୍ବାଞ୍ଚଳ) ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ନର୍ସମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏନ୍‌ଏଆଇ ଓଡ଼ିଶା ଶାଖାର ସଭାପତି ତଥା କିନ୍‌ସର ପ୍ରଫେସର ଅନୁସୂୟା ପଟ୍ଟନାୟକ, କିନ୍‌ସ ଅଧକ୍ଷା ପ୍ରଫେସର ନିୟତୀ ଦାସ, ଟିଏନଏଆଇ ଓଡ଼ିଶା ଶାଖା ସମ୍ପାଦିକା ରଞ୍ଜିତା ସାହୁ, ଏସଏନ୍‌ଏଆଇ ଓଡ଼ିଶା ଶାଖା ପରାମର୍ଶଦାତା ଆଶିଷ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ସର୍ଭିସ ଟୁ ହ୍ୟୁମାନିଟି ସମ୍ମାନ ପ୍ରଦାନ କରାଯାଇଥିଲା। ରବିବାର ଏହି ଉଦ୍ଦେଶ୍ୟରେ ଏକ ଜନ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ନର୍ସିଂ ଛାତ୍ରୀ ଯୋଗଦେଇ ଲୋକଙ୍କ ମଧ୍ୟରେ ନର୍ସିଂ ସେବା ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହା ବ୍ୟତୀତ ନର୍ସିଂ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




କଟକ: ବାରିଷ୍ଟର ରଣଜିତ ମହାନ୍ତିଙ୍କ ସ୍ମାରକୀ ଦିବସ ପାଳିତ (ଫଟୋ-ମାତୃଭାଷା)

# ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଅବଧି ବୃଦ୍ଧି

**ଭୁବନେଶ୍ୱର:** ପୂର୍ବ ତଟ ରେଳପଥ ନିମ୍ନଲିଖିତ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି ଏହା ଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବରେ ବିଶେଷ ସହାୟକ ହେବ : ଟ୍ରେନ ନମ୍ବର ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର: ଭଞ୍ଜପୁରରୁ ୧୩ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୧୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଟ୍ରେନ ନମ୍ବର ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସ୍ୱତନ୍ତ୍ର: ଶାଲିମାରରୁ ୧୪ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୧୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।

# ଗୋଲାମୁଣ୍ଡା ବ୍ଲକରେ ନୂତନ ଏବିଡିଓଙ୍କ ଯୋଗଦାନ



**ଗୋଲାମୁଣ୍ଡା(ମାନିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ନୂତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କଲେ ବିଜୟ କୁମାର ନାୟକ। ଏଥି ପୂର୍ବରୁ ଶ୍ରୀ ନାଏକ ବଲାଙ୍ଗିର ଜିଲ୍ଲା ତରଭା ବ୍ଲକରେ ନୂତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଭାବେ କାର୍ଯ୍ୟରତ ଥିଲେ। ଗୋଲାମୁଣ୍ଡା ବ୍ଲକରେ ଯୋଗଦାନ ପରେ ତାଙ୍କୁ ବ୍ଲକ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଆଗାମୀ ଦିନରେ ଗୋଲାମୁଣ୍ଡା ବ୍ଲକର ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇ ବ୍ଲକକୁ ଓଡ଼ିଶାରେ ସୁନାମ ଆଣିବାକୁ ପ୍ରୟାସ କରାଯିବ ବୋଲି କହିଥିଲେ।

# ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ

ବ୍ରହ୍ମପୁର(ମାନିସ) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ ହୋଇଛି। ଏହି ବୈଠକରେ ସଂଗଠନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହି ଶିକ୍ଷାବର୍ଷରେ ଓଡ଼ିଶା ପୂର୍ବରେ ଥିବା ୨୦ଟି ପ୍ରଶାସନିକ ଜିଲ୍ଲାରେ ୧,୨୦,୦୦୦ (ଏକ ଲକ୍ଷ କୋଡ଼ିଏ ହଜାର) ବିଦ୍ୟାର୍ଥୀଙ୍କୁ ସଦସ୍ୟତା ଦେବାର ଲକ୍ଷ୍ୟ ନିର୍ଦ୍ଧାରିତ କରିଛି ଏବିଭିପି। ସେହିପରି ୧୮୩ଟି ବ୍ଲକରେ ସଂଗଠନକୁ ପହଞ୍ଚାଇବା ଓ ୪୦୦ରୁ ଅଧିକ ଶିକ୍ଷାନୁଷ୍ଠାନରେ ଶାଖା ସ୍ଥାପନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ଆରମ୍ଭ କରିଛନ୍ତି କାର୍ଯ୍ୟକର୍ତ୍ତାମାନେ ବୋଲି ରାଜ୍ୟ ସମ୍ପାଦକ ସୂଚନା ଦେଇଛନ୍ତି। ଏହା ସହିତ କ୍ୟାମ୍ପସରେ ବଢୁଥିବା ଅଣଛାତ୍ର ପ୍ରବେଶ, ନିଶା କାରବାର, ଏବଂ ସେଲ୍ଫ-ଫାଇନାନ୍ସ ଓ ପିପିପି ମୋଡରେ ହେଉଥିବା ଛାତ୍ରମାନଙ୍କ ଉପରେ ଅତ୍ୟାଚାର ବିଷୟରେ ଏବିଭିପି ପ୍ରସ୍ତାବ ଆଣିଛି। ତଦୁପରି, ରାଜ୍ୟର ସ୍ୱାସ୍ଥ୍ୟ ସେବାର ଦୁରବସ୍ଥା ଉପରେ ଚିନ୍ତା ପ୍ରକାଶ କରି, ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଓଡ଼ିଶାରୁ ଡିପୋର୍ଟ କରିବା ପାଇଁ ସରକାରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି ଏବିଭିପି। ସୁସ୍ଥ ଓ ସୁରକ୍ଷିତ ଓଡ଼ିଶା ନିର୍ମାଣ ପାଇଁ ଯୁବଶକ୍ତିଙ୍କୁ ସଚେତନ କରିବା ସହିତ, ସରକାର ଏହି ପଦକ୍ଷେପ ନନେଲେ ରାଜପଥରେ ଆନ୍ଦୋଳନ କରିବାକୁ ଏବିଭିପି ବାଧ୍ୟ ହେବ ବୋଲି ଏହି ବୈଠକରେ ସୁଶ୍ରୀ ଦିପ୍ତିମୟୀ ପ୍ରତିହାରୀ (ରାଜ୍ୟ ସମ୍ପାଦକ) ସୂଚନା ଦେଇଛନ୍ତି।

# ନୂଆପଡାକୁ ୨୭, ୦୦୦ କୁଇଣ୍ଟାଲ୍ ୟୁରିଆ ସାର ପହଞ୍ଚିବା ବ୍ୟବସ୍ଥା



ନୂଆପଡ଼ା : ଭୁବନେଶ୍ୱର ସ୍ଥିତ ରାଜ୍ୟ ସରକାର ଙ୍କ କୃଷି ଭବନ ରେ ଚାଷୀ ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ କୃଷିବିଭାଗ ଯୁଗ୍ମ ନିର୍ଦ୍ଦେଶକ ବସନ୍ତ ଦେ ତଥା ଡେପୁଟୀ ଡାଇରେକ୍ଟର କୃଷି ବିଭାଗ ସାରଦା ପ୍ରସନ୍ନ କର ଙ୍କ ସହିତ ନୂଆପଡା ଜିଲ୍ଲାରେ ଦେଖା ଦେଇଥିବା ସାର ବିଶେଷ କରି ୟୁରିଆ ସାର ଅଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ନୂଆଖାଇ ପୂର୍ବ ରୁ ନୂଆପଡା ଜିଲ୍ଲା କୁ ଆସି ଥିବା ୟୁରିଆ ସାର ଯଥେଷ୍ଟ ନୁହେଁ, ତୁରନ୍ତ ନୂଆପଡା ଜିଲ୍ଲା କୁ ୟୁରିଆ ସାର ଯୋଗାଣ ପାଇଁ ଉଚିତ ପଦକ୍ଷେ-ପ ନେବାକୁ ପାଣିଗ୍ରାହୀ ଦାବି କରି ଥିଲେ। ଡେପୁଟୀ ଡାଇରେକ୍ଟର ସାରଦା ପ୍ରସନ୍ନ କର ପ୍ରକାଶ କରିଥିଲେ ଯେ, ଆମେ ଚାଷୀ ଙ୍କ ପାଇଁ ସମ୍ବେଦଶୀଳ ଅଟୁ, ନୂଆପଡା ଜିଲ୍ଲା ପାଇଁ ଉତ୍ତର ପ୍ରଦେଶର ଫୁଲପୁର ସାର କାରଖାନା ରୁ ନୂଆପଡ଼ା କୁ ଆସନ୍ତା ପାଞ୍ଚ କିମ୍ବା ଛଅ ସେପ୍ଟେମ୍ବର ପୂର୍ବ ରୁ ଅଧା ରେକ ଅର୍ଥାତ୍ ୨୭, ୦୦୦ କୁଇଣ୍ଟାଲ୍ ୟୁରିଆ ସାର ପହଞ୍ଚିବା ପାଇଁ ବ୍ୟବସ୍ଥା ହୋଇସାରିଛି। ଏହା ବି ଯଥେଷ୍ଟ ହୋଇ ନ ପାରେ, ଆହୁରି ଅଧା ରେକ ଅର୍ଥାତ ୨୭୦୦୦ କୁଇନଟାଲ ୟୁରିଆ ଆଗମୀ ସେପ୍ଟେମ୍ବର ଦଶ କିମ୍ବା ଏଗାର ସେପ୍ଟେମ୍ବର ସୁଦ୍ଧା ପଠେଇବା ପାଇଁ ପାଣିଗ୍ରାହୀ ଉଭୟ ଅଧିକାରୀ ଙ୍କୁ ନିବେଦନ କରିଛନ୍ତି। ଜିଲ୍ଲା ରେ ସାର ଅଭାବ ଦେଖା ଦେଇଥିବା ବେଳେ ଏହି ସମସ୍ୟା ର ସମାଧାନ ପାଇଁ କୃଷି ବିଭାଗ ର ଉଚ୍ଚ ଅଧିକାରୀ ସ୍ତର ରେ ମୋର ରୀତିମତ ଯୋଗାଯୋଗ ଓ ସମ୍ପର୍କ ରେ ପ୍ରଚେଷ୍ଟା ଜାରୀ ରହିଛି ବୋଲି ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସାର ଯୋଗାଣ ସହିତ ସମ୍ପୃକ୍ତ ଅଧିକାରୀ, ଡିଲାର , ରିଟେଲର , ରେକ ପଏଣ୍ଟ ହେଣ୍ଡଲର ସେ ଯେ କେହି ବି ସାର ବେନିୟମ ଗଚ୍ଛିତ ରଖି କଳାବଜାରୀ କରୁଥିବା କିମ୍ବା ଛତିଶ ଗଡକୁ ଚୋରା ଚାଲାଣ କରି ନୂଆପଡା ଜିଲ୍ଲା ଚାଷୀ ଙ୍କ ହକ୍ ମାରୁଥିବ ତାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରାଯାଇଛି। ଏହା ସହିତ ଚାଷୀ ଙ୍କୁ ୟୁରିଆ ସାର ନେବା ପାଇଁ ବିଭିନ୍ନ କମ୍ପାନୀ ର ପେଷ୍ଟିଶାଇଡ୍ କିମ୍ବା ଅନ୍ୟ ପ୍ରଡକ୍ଟ କୁ ଟେଗ କରି ଚାଷୀ ଙ୍କୁ ହଇରାଣ ଓ ଖର୍ଚ୍ଚାନ୍ତ କରୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ଦାବୀ କରାଯାଇଛି ବୋଲି ପାଣିଗ୍ରାହୀ ଦାବୀ କରିଛନ୍ତି। ସାର ର ସୁଗମ ଯୋଗାଣ ପାଇଁ ଇଫକୋ ର ଓଡ଼ିଶା ମାର୍କେଟିଂ ମ୍ୟାନେଜର ସୌମିକ୍ ମଣ୍ଡଳ ଓ ପି ପି ଏଲର ରାଜ୍ୟ ମାର୍କେଟିଂ ଅଧିକାରି କାଳୀ ଚରଣ ରାଉତ ଙ୍କୁ ତାଙ୍କ କାର୍ଯ୍ୟାଳରେ ସାକ୍ଷାତ୍ ଆଲୋଚନା କରାଯାଇଛି ବୋଲି ପାଣିଗ୍ରାହୀ ପ୍ରକାଶ କରିଛନ୍ତି।


**"ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା"**

**ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା**

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସୁନାବେଡ଼ା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗର ହାତ ବଢ଼ାନ୍ତୁ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା।

**ଶ୍ରୀଯୁକ୍ତ ସୁଜିତ କୁମାର ଚଉଧୁରୀ**
ନିର୍ବାହୀ ଅଧିକାରୀ
ପୌରପରିଷଦ, ସୁନାବେଡ଼ା

**ଡ଼. ରାଜେନ୍ଦ୍ର କୁମାର ପାତ୍ର**
ନଗରପାଳ
ପୌରପରିଷଦ, ସୁନାବେଡ଼ା

**ଶ୍ରୀମତୀ ରିତୁ କଣ୍ଡା**
ଉପନଗରପାଳ
ପୌରପରିଷଦ, ସୁନାବେଡ଼ା

**ସମସ୍ତ ପାରିଷଦ ବୃନ୍ଦ**
ପୌରପରିଷଦ, ସୁନାବେଡ଼ା



**ଭାରତ ସରକାର**
**ଶିକ୍ଷା ମନ୍ତ୍ରଣାଳୟ**
**ଉଚ୍ଚଶିକ୍ଷା ବିଭାଗ**

**ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ଉପ-କୁଳପତିଙ୍କ ନିଯୁକ୍ତି**

**ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ଉପ-କୁଳପତି ପଦବୀ** ପାଇଁ ଆବେଦନ ଆମନ୍ତ୍ରିତ କରାଯାଉଛି।

ଉପ-କୁଳପତି, ଶିକ୍ଷାଗତ ଏବଂ ପ୍ରଶାସନିକ ମୁଖ୍ୟ ଭାବରେ, ନିମ୍ନଲିଖିତ ପଦବୀରେ ରହିବେ ବୋଲି ଆଶା କରାଯାଉଛି:

- ଦକ୍ଷତା, ସାଧୁତା, ନୈତିକତା ଏବଂ ସାଂଗଠନିକ ପ୍ରତିବଦ୍ଧତାର ସର୍ବୋଚ୍ଚ ସ୍ତରର ବ୍ୟକ୍ତି ହୋଇଥିବେ :
- ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍, ଯାହାଙ୍କ ପାଖରେ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ସର୍ବନିମ୍ନ ୧୦ ବର୍ଷର ଅଭିଜ୍ଞତା କିମ୍ବା ପ୍ରତିଷ୍ଠାନ ନେତୃତ୍ୱ ପ୍ରଦର୍ଶନ କରିଥିବା ପ୍ରମାଣ ସହିତ ପ୍ରତିଷ୍ଠିତ ଗବେଷଣା ଏବଂ/ଅଥବା ଶିକ୍ଷା ପ୍ରଶାସନିକ ସଂଗଠନରେ ୧୦ ବର୍ଷର ଅଭିଜ୍ଞତା ଥିବ।
- ଏହି ବିଜ୍ଞାପନର ଆବେଦନ ଗ୍ରହଣର ଶେଷ ତାରିଖ ସୁଦ୍ଧା ୬୫ ବର୍ଷରୁ ଅଧିକ ବୟସ ହୋଇନଥିବ।

**ଦରମା ଏବଂ ସେବା ସର୍ତ୍ତାବଳୀ**

- ଏହି ପଦବୀରେ ମାସିକ ୨,୧୦,୦୦୦/- ଟଙ୍କା (ଫିକ୍ସଡ) ଦରମା ସହିତ ୧୧,୨୫୦/- ଟଙ୍କା ସ୍ୱତନ୍ତ୍ର ଭତ୍ତା ଏବଂ ଅନ୍ୟାନ୍ୟ ସାଧାରଣ ଭତ୍ତା ପ୍ରଦାନ କରାଯିବ।
- ସେବାର ନିୟମ ଏବଂ ସର୍ତ୍ତାବଳୀ ବିଶ୍ୱବିଦ୍ୟାଳୟର ଆଇନ, ବିଧି ଏବଂ ଅଧ୍ୟାଦେଶରେ ଉଲ୍ଲେଖ କରାଯିବ।

**ନିଯୁକ୍ତି ପାଇଁ ପ୍ରକ୍ରିୟା**

- ବିଶ୍ୱବିଦ୍ୟାଳୟର ଆଇନର ବ୍ୟବସ୍ଥା ଅନୁଯାୟୀ ଗଠିତ ଏକ କମିଟି ଦ୍ୱାରା ସୁପାରିଶ କରାଯାଇଥିବା ନାମଗୁଡ଼ିକର ଏକ ପ୍ୟାନେଲରୁ ନିଯୁକ୍ତି କରାଯିବ।
- ବିଜ୍ଞାପନଟି www.education.gov.in ଏବଂ www.allduniv.ac.in ୱେବସାଇଟ୍‌ରେ ଉପଲବ୍ଧ।
- ପ୍ରାର୍ଥୀମାନଙ୍କୁ ନିମ୍ନରେ ଦିଆଯାଇଥିବା ଲିଙ୍କ୍ ଅନୁଯାୟୀ ଶିକ୍ଷା ମନ୍ତ୍ରଣାଳୟ SAMARTH ପୋର୍ଟାଲରେ **'କେବଳ ଅନଲାଇନ୍'** ରେ ଆବେଦନ କରିବାକୁ ପଡିବ:

**https://vcrec.samarth.ac.in/index.php/**

- ଉପରୋକ୍ତ ଲିଙ୍କ୍ ୦୩.୦୯.୨୦୨୫, ୧୦:୦୦ ଘଣ୍ଟାରୁ ୦୨.୧୦.୨୦୨୫, ୧୭:୦୦ ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହିବ।

**cbc 21201/11/0013/2526**

MBA/25-26/0302


# ଜିଲ୍ଲା ସ୍ତରୀୟ ଏଡସ୍ ସଚେତନତା କାର୍ଯ୍ୟକ୍ରମରେ ଗଣ ଦୌଡ଼

**ବ୍ରହ୍ମପୁର (ମାନିସ):** ଗଞ୍ଜାମ ଜିଲ୍ଲା ଏଡ୍ସ ନିୟନ୍ତ୍ରଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟ ରେ ଏମ୍ .କେ. ସି .ଜି ପରିସର ରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ କାର୍ଯ୍ୟକ୍ରମ କୁ ଗଂଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଶାନ୍ତ କୁମାର ନାୟକ ଉଦଘାଟନ କରିଥିବା ବେଳେ ଗଂଜାମ ଜିଲ୍ଲା ଏଚ ଆଇ ଭି/ଟିବି ନୋଡାଲ ଅଧିକାରୀ ଡ଼ ଅବନୀ ପାତ୍ର ସମ୍ମାନିତ ଅତିଥି, ଗଂଜାମ ଜିଲ୍ଲା ଣଜଉ ସଂଯୋଜକ ଡ଼ ଜଗଦୀଶ ପାତ୍ର (ଉଚଗ)ରାଜେନ୍ଦ୍ର ମହାରଣା, ଡ଼ ସନ୍ତୋଷ କୁମାର ରାଜୁ (ଉଝଙ) ମଞ୍ଚାସିନ ରହି ଯୁବ ପିଢ଼ି କିଭଳି ଭାବେ ଏଚ ଆଇ ଭି ସମ୍ପର୍କରେ ସଚେତନତା ହୋଇପାରିବେ ସେ ଦିଗରେ ସବୁ ସ୍ତର ରେ ସଚେତନତା କରି ଗଂଜାମ ଜିଲ୍ଲା କୁ ଏଡ୍ସ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ।

ଏହି ମାରାଥନ କାର୍ଯ୍ୟକ୍ରମରେ ବିଭିନ୍ନ କଲେଜ ର ଛାତ୍ର ଛାତ୍ରୀ ଯୋଗ ଦେଇ ମାରାଥନ ପ୍ରତିଯୋଗିତାରେ ଭାଗ ନେଇଥିଲେ କ୍ଷ ଉକ୍ତ ପ୍ରତିଯୋଗିତାରେ ଛାତ୍ର ବର୍ଗ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଜଗନ୍ନାଥ ମୁଦୁଲି , ଦ୍ୱିତୀୟ ସ୍ଥାନ ରେ ସୌମ୍ୟ ରଞ୍ଜନ ନାୟକ, ତୃତୀୟ ସ୍ଥାନରେ କେ. ଚନ୍ଦନ ଆଚାରି ଏବଂ ଛାତ୍ରୀ ବର୍ଗ ରେ ରିତିକା ନାୟକ ପ୍ରଥମ ସ୍ଥାନ ,ସଞ୍ଚିତା ଦାସ ଦିତୀୟ ସ୍ଥାନ ଏବଂ ଶୁଭଲକ୍ଷ୍ମୀ ଦଳାଇ ତୃତୀୟ ସ୍ଥାନ ଅଧିକାର କରି ଆର୍ଥିକ ପୁରସ୍କାର ଓ ମାନ ପତ୍ର ପାଇବା ସହିତ ରାଜ୍ୟସ୍ତରୀୟ ଏଡ୍ସ ସଚେତନତା ମାରାଥନ ପ୍ରତିଯୋଗିତା କୁ ମନୋନୀତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ କଲେଜ ର ଅଧ୍ୟାପକ ,ଓଉଞ୍ଜଉ କାଉନସ୍ଲେର, ଖଞ୍ଜ ,ଝଝକ ଏବଂ ଅରୁଣା ସଂଗଠନ ର କର୍ମକର୍ତ୍ତା ସହଯୋଗ କରିଥିବା ବେଳେ କାମନା ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ପୋଲିସ ଏବଂ ଟ୍ରାଫିକ ପୋଲିସ ଏବଂ ଆମ୍ବୁଲାନ୍ସ କାର୍ଯ୍ୟକ୍ରମର ଶୃଂଖଳା ରକ୍ଷା କରିବା ସହିତ ଭିଡ଼ ନିୟନ୍ତ୍ରଣ କରିଥିଲେ।


MBA/25-26/0303

No.: CAD-1666

Office of District Manager

Annexure-II

Odisha State Civil Supplies Corporation Ltd. (OSCSC)
District – Cuttack, Phone: 0671-2507744
District Website : cuttack.odisha.gov.in

Tender No. 2469(3) & 2470 Dt. 26.08.2025

District Manager, Odisha State Civil Supplies Corporation Ltd, Cuttack (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of (i) **Level-I** Transport Contractor for transportation of food grains from FSD, FCI to RRCs (ii) **Level-II** Transport Contractor for transportation of food grains from RRCs to Retail Centers (FPS) in the Cuttack Dist. (Badamba, Narsinghpur & Nischintakoili Unit) of the State of Odisha |
| 2 | Availability of bid document in the portal | From – 01.09.2025 (Date) |
| 3 | Last Date / Time for receipt of bids in the portal | Dt: 15.09.2025 up to 5.30 PM (PM). |
| 4 | Date/Time of Opening of Technical Bid | Dt: 16.09.2025 at 11.00 AM (AM). |
| 5 | Name and address of the Officer Inviting Tender | District Manager, OSCSC Ltd, Cuttack (District) |

Tender Documents & other details can be seen from the e-procurement portal, www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd. Cuttack

**OIPR- 07065/11/0007/2526**



No.: O-695

**GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WATER SUPPLY & SANITATION
BHUBANESWAR**

Jal O Parimal Bhawan, Unlt-V,
Bhubaneswar-751001,
Tel: 0674-2395734,
Fax No. 0674-2394946;
Email: cerwssodisha@gmail.com

**Request for Proposal (RFP) Notice**
**No. 10592 /Dated 01-09-2025**
**(BID. No. EIC/RWS&S/ 07 /2025-26)**

**SELECTION OF AGENCY/FIRMS FOR ESTABLISHMENT AND OPERATION OF GRIEVANCE MANAGEMENT SYSTEM THROUGH CALL CENTRE**

The Engineer-in-Chief, RWSS, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP) from interested Agency / Firms to Establish and Operate Call Centre (both Inbound & Outbound mode) for Operational of Grievance Management System on outsourced model for Rural Drinking Water schemes of Odisha.

The eligibility criteria for selection of Agency /Firms are provided below:

1) A company incorporated under Indian Companies Act, 1956 or a Firm registered under Partnership Act, 1932 or Sole Proprietorship.
2) The applicant company/firm must have been in providing services of similar work at least 3 years prior to the due date of submission of the RFP. Relevant experience certificate or proof of operating call centre 3 years prior to the due date of RFP must be furnished.
3) The Average Annual Turnover **(from Operation of Call Centre)** of the applicant during last 3 financial years shall be more than **Rs. 3.00 Crores.** A certificate from Chartered Accountant specifying the total turnover of the company and turnover from similar works must be attached in the Proposal.
4) The applicant must have a registered agency / firm by any Government Organisation in India. A copy of the Registration Certificate to be furnished in the RFP proposal

Interested Agency/ Firms may download the RFP document from Government of Odisha website i.e. https://panchayat.odisha.gov.in from **05:00 PM of 04.09.2025 to 05:00 PM** of 19.09.2025. The last date for submission of bid document is **22.09.2025 at 3:00 PM.**

A pre-bid meeting shall be conducted on 11:30 hours of dt. 11.09.2025 at Office of the Engineer-In-Chief, Rural Water Supply & Sanitation, Jal O Parimal Bhawan, Unit-V, Bhubaneswar-751001, Odisha. Interested bidders may send their queries to cerwssodisha@gmail.com and attend the said pre-bid meeting.

The RFP documents should be delivered in a sealed envelope super scribed as **"Proposal for Establishment and Operation of Grievance Management System through Call Centre"** addressed to **The Engineer-in-chief, Rural Water Supply & Sanitation,** Jal O Parimal Bhawan, Unit-V, Bhubaneswar-751001, Phone No.0674-2395734, Fax No,0674-2394946.

The Authority reserves the right to accept or reject any/all RFP without assigning any reason thereof.

Sd/-
Engineer-In-Chief,
RWS&S (O)

**OIPR- 25003/11/0028/2526**

MBA/25-26/0304

ମାତୃଭାଷା

# ଖେଳ ଖବର



## ଜାତୀୟ କ୍ରୀଡ଼ା ଦିବସ ଅବସରରେ ସୋଆ ପକ୍ଷରୁ ମିନି ମାରାଥନ




**ଭୁବନେଶ୍ୱର, ୨।୯:** କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଦିନ ମିନି ମାରାଥନ ଆୟୋଜିତ ହୋଇଥିଲା। ୨୦୧୨ ମସିହାରୁ ସାରା ଦେଶରେ ଅଗଷ୍ଟ ୨୯ ତାରିଖ ଦିନ ମେଜର ଧ୍ୟାନ୍‌ଚାନ୍ଦଙ୍କ ଜନ୍ମ ଦିନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଆସୁଛି ।

ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇ ଦିନ ବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶୁକ୍ରବାର ସୋଆ କ୍ୟାମ୍ପସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଆୟୋଜିତ ମିନି ମାରାଥନ୍‌ରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଫ୍ଲାଗ-ଅଫ୍ କରି ମାରାଥନ୍‌ର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ସୋଆର ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମା, ଚଳିତ ବର୍ଷର ଜାତୀୟ କ୍ରୀଡ଼ା ଦିବସର କୋଅର୍ଡିନେଟର ଆସିଷ୍ଟାଂଟ ପ୍ରଫେସର ଆକାଶ ତ୍ରିଖା, ଜୁନିୟର ସ୍ପୋର୍ଟ୍ସ ଅଫିସର ପ୍ରିୟମ୍ ମଲ୍ଲିକ ଏବଂ ବରେଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଟାଇଟଲ୍ ସ୍ପନସରସିପ୍ ଲାଗି ବିଡ୍ସ ପ୍ରକ୍ରିୟା ଆରମ୍ଭ

### କିଏ ହେବ ଟିମ ଇଣ୍ଡିଆର ମୁଖ୍ୟ ପ୍ରାୟୋଜକ

### କଡ଼ା ସର୍ତ୍ତ ଲାଗୁ କଲା ବିସିସିଆଇ

**ନୂଆଦିଲ୍ଲୀ, ୨।୯:** ଭାରତୀୟ କ୍ରିକେଟ ଟିମର ମୁଖ୍ୟ ପ୍ରାୟୋଜକ ହେବାକୁ ଚାହୁଁଥିବା ସଂସ୍ଥାଗୁଡ଼ିକ ଠାରୁ ଦରଖାସ୍ତ ଆହ୍ୱାନ କରିଛି ବିସିସିଆଇ। ଇନଭିଟେନ ଫର ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ (ଆଇଓଆଇ)ରେ ଆବେଦନ ଦାଖଲ କରିବା ପାଇଁ ସବୁ ପ୍ରକାରର ସର୍ତ୍ତ ରହିଥିବା ବିସିସିଆଇ କହିଛି। ଆଇଇଓଆଇ କିଣିବାର ଶେଷ ତାରିଖ ସେପ୍ଟେମ୍ବର ୧୨ ରହିଥିବା ବେଳେ ଆବେଦନ ଦାଖଲ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୬ ରହିଛି। ପୂର୍ବରୁ ଭାରତୀୟ କ୍ରିକେଟ ଟିମର ମୁଖ୍ୟ ପ୍ରାୟୋଜକ ଡ୍ରିମ ୧୧ ରହିଥିଲା। କିନ୍ତୁ ସଂସଦରେ ପ୍ରମୋସନ ଓ ରେଗୁଲେସନ ଅଫ ଅନଲାଇନ ଗେମିଂ ବିଲ ୨୦୨୫ ପାରିତ ହେବା ପରେ ଡ୍ରିମ ୧୧ ସହ ବିସିସିଆଇ ସମସ୍ତ ପ୍ରକାରର ସମ୍ପର୍କଚ୍ଛିନ୍ନ କରିଥିଲା। ଏହାପରେ ବିସିସିଆଇ ନୂଆ ପ୍ରାୟୋଜକ ସନ୍ଧାନରେ ରହିଥିବା ଗତ ମାସରେ ବୋର୍ଡର ସମ୍ପାଦକ ଦେବଜିତ ସାଇକିଆ କହିଥିଲେ।

୨୦୨୩ ଜୁଲାଇରେ ୩ ବର୍ଷ ପାଇଁ ଡ୍ରିମ ୧୧ ମୋଟ ୩୫୮ କୋଟିରେ ପ୍ରାୟୋଜକ ଦାୟିତ୍ୱ ପାଇଥିଲା। ଏହାପୂର୍ବରୁ ଇଚ୍ଛହଙ୍କ ଭାରତୀୟ କ୍ରିକେଟର ମୁଖ୍ୟ ପ୍ରାୟୋଜକ ରହିଥିଲା। ଏବେ ପୁଣି ଗୋଟିଏ ନୂଆ ସଂସ୍ଥା ଭାରତୀୟ କ୍ରିକେଟ ଟିମର ପ୍ରାୟୋଜକ ସାଜିବ। ବିସିସିଆଇ କହିଛି ଯେ ୫ ଲକ୍ଷ ଟଙ୍କା ସହ ଆବଶ୍ୟକ ଜିଏସ୍‌ଟି ବଳରେ ଆଇଇଓଆଇ ଉପଲବ୍ଧ ହେବ। ଏହି ୫ ଲକ୍ଷ ଟଙ୍କା ଫେରସ୍ତ ହେବନି। ବିଡର୍ସମାନେ ଆଇଇଓଆଇ ପାଇଁ ଦେଇଥିବା ଟଙ୍କାର ତଥ୍ୟକୁ sponsorship@bcci.tvକୁ ଇ-ମେଲ କରିବେ। ଆବଶ୍ୟକ ଫି' ମିଳିବା ପରେ ହିଁ ଆଇଇଓଆଇ ଦସ୍ତାବିଜ ବିଡର୍ସଙ୍କୁ ଉପଲବ୍ଧ କରାଯିବ।

ବିଡ ଲଗାଇବାକୁ ଚାହୁଁଥିବା ଯେକୌଣସି ବିଡର୍ସଙ୍କୁ ଆଇଇଓଆଇ କିଣିବାକୁ ପଡ଼ିବ। କିନ୍ତୁ ଆଇଇଓଆଇରେ ଥିବା ନିୟମ ଓ ସର୍ତ୍ତକୁ ପୂରଣ କରୁଥିବା ସଂସ୍ଥା ହିଁ ଆବେଦନ ଦାଖଲ କରିବେ। ଆଇଇଓଆଇ କିଣି ଦେବାର ଅର୍ଥ ନୁହେଁ ଯେ ଗୋଟିଏ ସଂସ୍ଥା ବିଡ ଲଗାଇବାକୁ ଯୋଗ୍ୟତା ଅର୍ଜନ କରିନେବେ। ସଂସ୍ଥାକୁ ପ୍ରଥମେ ନିୟମ ଓ ସର୍ତ୍ତ ପୂରଣ କରିବାକୁ ପଡ଼ିବ। ବିସିସିଆଇ ଯେକୌଣସି ସମୟରେ ଆଇଇଓଆଇ ପ୍ରକ୍ରିୟାକୁ ବାତିଲ କିମ୍ବା ସଂଶୋଧନ କରିବାର ଅଧିକାର ରଖିଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ଏହାର କାରଣ କହିବାକୁ ମଧ୍ୟ ବିସିସିଆଇ ବାଧ୍ୟ ନୁହେଁ।




ପ୍ରାୟୋଜକ ହେବା ପାଇଁ ପ୍ରତିଟି ବିଡରଙ୍କ ଆୟ ଗଲା ୩ ବର୍ଷ ମଧ୍ୟରେ ୩୦୦ କୋଟିରୁ ଅଧିକ ଥିବା ଦରକାର କିମ୍ବା ପ୍ରତିଟି ବିଡରଙ୍କ ହାରାହାରି ସମ୍ପତ୍ତି ଗଲା ୩ ବର୍ଷ ମଧ୍ୟରେ ୩ଶହ କୋଟି ହୋଇଥିବା ଦରକାର। ବିଡର କୌଣସି କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ନଥିବେ କିମ୍ବା ଅର୍ଥନୀତିକ ଅପରାଧ କିମ୍ବା ଠକେଇ କରି ନଥିବେ। ବିସିସିଆଇର ଦ୍ୱୈତ ସ୍ୱାର୍ଥ ନିୟମ ଅନୁସାରେ ବିଡର୍ସ ଯୁଗ୍ମ ପଦପଦବୀରେ ନ ରହିଥିବା ଦରକାର। ଅନଲାଇନ ମନି ଗେମିଂ, ବେଟିଂ କିମ୍ବା ସେଭଳି କୌଣସି ସେବାରେ ନିୟୋଜିତ ଥିବା ସଂସ୍ଥା କିମ୍ବା ସଂସ୍ଥା ଅଧୀନରେ ଥିବା କୌଣସି କମ୍ପାନୀ ବିଡ ଲଗାଇ ପାରିବେ ନାହିଁ। ଭାରତ କିମ୍ବା ବିଶ୍ୱର କୌଣସି ସ୍ଥାନରେ ଏପରି ସେବା ଯୋଗାଉଥିବା କମ୍ପାନୀ ବିଡ ପାଇଁ ଯୋଗ୍ୟ ବିବେଚିତ ହେବେନି।

ବିଡର କିମ୍ବା ତାଙ୍କ ଅଧୀନରେ ଥିବା କମ୍ପାନୀ ସିଧାସଳଖ କ୍ରିପ୍ଟୋ ଟ୍ରେଡିଂ କିମ୍ବା କ୍ରିପଟୋ ଏକ୍ସଚେଞ୍ଜ କିମ୍ବା କ୍ରିପଟୋ ଟୋକନ କିମ୍ବା ସେଭଳି ବ୍ୟବସାୟରେ ସାମିଲ ହୋଇ ନଥିବା ଦରକାର। ଛାୟା ବ୍ରାଣ୍ଡ ଜରିଆରେ କୌଣସି ବିଡର ଆବେଦନ କରିପାରିବେ ନାହିଁ। ଯଦି କୌଣସି ବିଡର ଏକାଧିକ ବ୍ରାଣ୍ଡ କିମ୍ବା ଦ୍ରବ୍ୟର ବ୍ୟବସାୟ କରୁଛନ୍ତି ଓ ତାଙ୍କର କୌଣସି ବ୍ରାଣ୍ଡ କିମ୍ବା ଦ୍ରବ୍ୟ ବ୍ଲକ ବା ବ୍ୟାନ ବର୍ଗରେ ଆସୁଥିବ, ତା'ହେଲେ ସେ ପ୍ରାୟୋଜକ ପାଇଁ ଆବେଦନ କରିପାରିବେ ନାହିଁ। ମଦ, ବେଟିଂ, କ୍ରିପ୍ଟୋ, ଅନଲାଇନ ମନି ଗେମିଂ, ତମ୍ବାକୁ ଓ ପର୍ଣ୍ଣୋଗ୍ରାଫି ଭଳି ବ୍ୟବସାୟରେ ସାମିଲ ଥିଲେ ବିଡ ଲଗାଇବାକୁ ଅନୁମତି ମିଳିବ ନାହିଁ।

## ପୁରୁଷ ଏସିଆ କପ୍ ହକି

## କାଜାକସ୍ଥାନକୁ ୧୫-୦ରେ ପରାସ୍ତ କଲା ଭାରତ

### ପୁଲ୍ ପର୍ଯ୍ୟାୟରେ ଅପରାଜେୟ

**ରାଜଗିର, ୨।୯:** ପୁରୁଷ ଏସିଆ କପ୍ ହକିରେ ଭାରତ ପୁଲ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଅପରାଜେୟ ରହିଛି । ସୋମବାର ଅନ୍ତିମ ମ୍ୟାଚ୍‌ରେ ଦଳ ଦୁର୍ବଳ କାଜାଖସ୍ତାନ ବିପକ୍ଷରେ ଗୋଲ ବର୍ଷା କରି ୧୫-୦ ଗୋଲରେ ବିଜୟୀ ହୋଇଥିଲା ।



ଏହି ମ୍ୟାଚ୍ ଏକତରଫା ରହିଥିଲା । ପ୍ରତି କ୍ୱାର୍ଟରରେ ଭାରତ ଗୋଲ୍ ବର୍ଷା କରିଥିଲା । ଅଭିଷେକ ଏକାକୀ ୪ଟି ଗୋଲ୍ ଦେବାରେ ସଫଳ ହୋଇଥିଲେ । ସେ ୫, ୮, ୨୦ ଓ ୫୯ ମିନିଟରେ ଗୋଲ୍ ଦେଇଥିଲେ । ସେମିତି ସୁଖଜିତ ସିଂ ୧୫, ୩୨ ଓ ୩୮ ମିନିଟରେ, ଯୁଗରାଜ ସିଂ ୨୪, ୩୧ ଓ ୪୭ ମିନିଟରେ, ୨୬ ମିନିଟରେ ହର୍ମନପ୍ରୀତ ସିଂ, ୨୯ ମିନିଟରେ ଅମିତ ରୋହିଦାସ, ୩୨ ମିନିଟରେ ରାଜିନ୍ଦର ସିଂ, ୫୪ ମିନିଟରେ ସଞ୍ଜୟ ଏବଂ ୫୫ ମିନିଟରେ ଦିଲପ୍ରୀତ ସିଂ ଗୋଲ୍ ଦେଇଥିଲେ । ଶେଷ ପର୍ଯ୍ୟନ୍ତ କାଜାଖସ୍ତାନ ଗୋଲ ଖାତା ଖୋଲିପାରି ନଥିଲା ।

ପୁଲ୍ ପର୍ଯ୍ୟାୟରେ ଭାରତ ଅପରାଜେୟ ରହିବା ସହ ମୋଟ୍ ୯ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି । ସେହିପରି ୪ ପଏଣ୍ଟ ସହ ଚୀନ୍ ଦ୍ୱିତୀୟ ସ୍ଥାନରେ ରହି ସୁପର-୪କୁ ଉନ୍ନୀତ ହୋଇଛି । ଠିକ୍ ସେମିତି ପୁଲ୍ ବି'ରେ ମାଲେସିଆ ଅପରାଜେୟ ସହ ପ୍ରଥମ ଏବଂ ଦକ୍ଷିଣ କୋରିଆ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ସୁପର-୪ରେ ପ୍ରବେଶ କରିଛି । ଆସନ୍ତା ୩, ୪ ଓ ୬ ତାରିଖରେ ସୁପର-୪ ମ୍ୟାଚ୍ ଖେଳାଯିବ । ଏହି ପର୍ଯ୍ୟାୟର ଶ୍ରେଷ୍ଠ ୨ ଦଳ ଫାଇନାଲ ଖେଳିବେ । ଆସନ୍ତା ୭ ତାରିଖରେ ଫାଇନାଲ ଖେଳାଯିବ । ଭାରତ ପୂର୍ବ ମ୍ୟାଚରେ ୩-୨ ଗୋଲରେ ଜାପାନକୁ ଏବଂ ୪-୩ ଗୋଲରେ ଚୀନକୁ ପରାସ୍ତ କରିଥିଲା ।

### ଭାରତ ବିପକ୍ଷ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆକୁ ବଡ଼ ଝଟ୍‌କା

## ଆହତ ପାଇଁ ବାଦ୍ ପଡ଼ିଲେ କମିନ୍ସ

**ମେଲବୋର୍ଣ୍ଣ, ୨।୯:** ଅଷ୍ଟ୍ରେଲିଆ କ୍ରିକେଟ୍ ଦଳକୁ ଲାଗିଲା ବଡ଼ ଝଟକା। ଭାରତ ବିପକ୍ଷ ଦିନିକିଆ ସିରିଜ୍ ଓ ଟି-୨୦ ସିରିଜ୍ ପୂର୍ବରୁ ଆହତ କରଣରୁ ଦଳରୁ ବାଦ୍ ପଡ଼ିଛନ୍ତି ତାରକା ଦ୍ରୁତ ବୋଲର ତଥା ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ପାଟ୍ କମିନ୍ସ। କ୍ରିକେଟ୍ ଅଷ୍ଟ୍ରେଲିଆ ମଙ୍ଗଳବାର ଏହାର ସୂଚନା ଦେଇଛି। ପାଟ୍ କମିନ୍ସପିଠିର ନିମ୍ନ ଭାଗରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ତାଙ୍କୁ ପୁନଃଥଇଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ବୋର୍ଡ ଏମିତି ନିଷ୍ପତ୍ତି ଚଳିତ ବର୍ଷର ଶେଷ ଆଡ଼କୁ ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜ୍‌କୁ ଦୃଷ୍ଟିରେ ରଖି ନିଆଯାଇଛି।



କ୍ରିକେଟ୍ ଅଷ୍ଟ୍ରେଲିଆ ଦ୍ୱାରା ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ପାଟ୍ କମିନ୍ସଙ୍କ କାର୍ଯ୍ୟଭାର ପ୍ରବନ୍ଧନ ଓ ତାଙ୍କ ଫିଟନେସକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ପାଟ୍ କମିନ୍ସଙ୍କୁ ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ସୀମିତ ଓଭର ସିରିଜ୍ ପାଇଁ ଦଳରେ ଚୟନ କରାଯାଇ ନାହିଁ। ଏହି ସମୟରେ ସେ ରିହାବିଲିଟେସନରେ ରହି ନିଜର ଫିଟନେସ୍ ଉପରେ ଧ୍ୟାନ ଦେବେ। ବୋର୍ଡର ମୁଖ୍ୟ ଲକ୍ଷ୍ୟ ଏହା ସୁନିଶ୍ଚିତ କରିବା ଯେ, କମିନ୍ସ ଅଧିନାୟକ ଏବଂ ବୋଲର ଭାବେ ଆସେସ୍ ସିରିଜ୍ ସମୟରେ ସଂପୂର୍ଣ୍ଣ ଫିଟ୍ ରୁହନ୍ତୁ। ଆସେସ୍ ସିରିଜ୍ ନଭେମ୍ବର ୨୧ରେ ଆରମ୍ଭ ହେଉଛି। କମିନ୍ସଙ୍କ ଅନୁପସ୍ଥିତି କ୍ରିକେଟ୍ ଅଷ୍ଟ୍ରେଲିଆ ପାଇଁ ବଡ଼ ଝଟକା, କାରଣ ସେ କେବଳ ଜଣେ ବୋଲର ଭାବେ ନୁହେଁ ବରଂ ଅଧିନାୟକ ଭାବେ ଦଳକୁ ମଜବୁତ କରନ୍ତି। ସେମିତିରେ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଆଗାମୀ କ୍ୟାଲେଣ୍ଡର ବହୁତ ବ୍ୟସ୍ତବହୁଳ ରହିଛି। କାରଣ ଅଷ୍ଟ୍ରେଲିଆକୁ ଅକ୍ଟୋବର ୧ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବାକୁ ପଡ଼ିବ। ଏହା ପରେ ଘରୋଇ ମାଟିରେ ଭାରତ ସହିତ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବ। ଏହି ଦୁଇ ସିରିଜ୍ ଟି-୨୦ ବିଶ୍ୱକପ୍ ୨୦୨୬ର ପ୍ରସ୍ତୁତି ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି।

## ଟି-୨୦ରୁ ମିଚେଲ ଷ୍ଟାର୍କଙ୍କ ଅବସର




*ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଇଥିବା ଷ୍ଟାର୍କ ଅଷ୍ଟ୍ରେଲିଆ ପାଇଁ ଦିନିକିଆ ଓ ଟେଷ୍ଟ କ୍ରିକେଟ ଖେଳିବେ। ଷ୍ଟାର୍କଙ୍କ ଅବସର ପୂର୍ବରୁ ଗତବର୍ଷ ଡାଭିଡ ୱାର୍ଣ୍ଣର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଚଳିତ ବର୍ଷ ଷ୍ଟିଭ ସ୍ମିଥ, ଗ୍ଲେନ ମ୍ୟାକ୍ସୱେଲ ଓ ମାର୍କସ ଷ୍ଟୋଇନିସ ଦିନିକିଆ କ୍ରିକେଟକୁ ଅଲବିଦା କହିଥିଲେ।*

**ମେଲବୋର୍ଣ୍ଣ, ୨।୯:** ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଅପ୍ରତ୍ୟାଶିତ ଢଙ୍ଗରେ ଟି-୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଛନ୍ତି। ଏବେ ସେ କେବଳ ଟେଷ୍ଟ ଓ ଦିନିକିଆ କ୍ରିକେଟ ଉପରେ ଫୋକସ କରିବେ ବୋଲି କହିଛନ୍ତି। ୩୫ ବର୍ଷୀୟ ଷ୍ଟାର୍କ ଗତବର୍ଷ ଟି-୨୦ ବିଶ୍ୱକପ ପରଠାରୁ କ୍ରିକେଟର ଏହି ଛୋଟିଆ ଫର୍ମାଟରେ ନଜର ଆସି ନଥିଲେ। ୨୦୨୬ ଟି-୨୦ ବିଶ୍ୱକପକୁ ଆଉ ମାତ୍ର କିଛି ମାସ ବାକି ଥିବା ବେଳେ ସେ ଏହି ଫର୍ମାଟକୁ ଅଲବିଦା କହିଛନ୍ତି।

ଟି-୨୦ରେ ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ସର୍ବାଧିକ ୱିକେଟ ଦଖଲକାରୀ ଭାବେ ନିଜର ଅଭିଯାନ ଶେଷ କରିଛନ୍ତି ଷ୍ଟାର୍କ। ତାଙ୍କ ଉପରେ କେବଳ ଆଡାମ ଜାମ୍ପା ରହିଛନ୍ତି। ୨୦୧୨ରେ ପାକିସ୍ତାନ ବିପକ୍ଷ ଟି-୨୦ରୁ ଅଭିଯାନ ଆରମ୍ଭ କରିଥିବା ଷ୍ଟାର୍କ ୬୫ଟି ମ୍ୟାଚରେ ୭୯ଟି ୱିକେଟ ନେଇଛନ୍ତି।

ସେ ଅନ୍ତର୍ଜାତୀୟ ଟି-୨୦ରେ ଡେବ୍ୟୁ କରିବା ପରେ ୬ ଥର ଏହି ଫର୍ମାଟର ବିଶ୍ୱକପ ହୋଇଥିଲା। ଏହା ମଧ୍ୟରୁ ୫ଟିରେ ସେ ନଜର ଆସିଥିଲେ। ୨୦୧୬ରେ ଆହତ ସମସ୍ୟା ଯୋଗୁ ଟି-୨୦ ବିଶ୍ୱକପ ଖେଳି ପାରି ନଥିଲେ ଷ୍ଟାର୍କ। ୨୦୨୧ରେ ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ ଜିତିଥିବା ବେଳେ ଏଥିରେ ଷ୍ଟାର୍କ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଇଥିବା ଷ୍ଟାର୍କ ଅଷ୍ଟ୍ରେଲିଆ ପାଇଁ ଦିନିକିଆ ଓ ଟେଷ୍ଟ କ୍ରିକେଟ ଖେଳିବେ। ସେହିପରି ଟି-୨୦ ଫର୍ମାଟରେ ଆୟୋଜିତ ଆଇପିଏଲ ଓ ଅନ୍ୟ ଲିଗ କ୍ରିକେଟ ମଧ୍ୟ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି।

ଷ୍ଟାର୍କଙ୍କ ଅବସର ପୂର୍ବରୁ ଗତବର୍ଷ ଡାଭିଡ ୱାର୍ଣ୍ଣର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଚଳିତ ବର୍ଷ ଷ୍ଟିଭ ସ୍ମିଥ, ଗ୍ଲେନ ମ୍ୟାକ୍ସୱେଲ ଓ ମାର୍କସ ଷ୍ଟୋଇନିସ ଦିନିକିଆ କ୍ରିକେଟକୁ ଅଲବିଦା କହିଥିଲେ।

## ଏସିଆ କପ୍ ପାଇଁ ଟିମ୍ ଇଣ୍ଡିଆର ବ୍ଲୁ ପ୍ରିଣ୍ଟ

### ■ ପ୍ରତିପକ୍ଷଙ୍କ ନିଦ ହଜାଇବାକୁ ପ୍ରସ୍ତୁତ ଭାରତ

### ■ ବିଜୟର ଗ୍ୟାରେଣ୍ଟି ଦେବେ ହାର୍ଦ୍ଦିକ, ଅଭିଷେକ ଓ ତିଲକ

**ନୂଆଦିଲ୍ଲୀ, ୨।୯:** ଏସିଆ କପ୍ ପାଇଁ ଟିମ୍ ଇଣ୍ଡିଆର ବ୍ଲୁ ପ୍ରିଣ୍ଟ। ପ୍ରତିପକ୍ଷ ଟିମ୍‌କୁ ଚକମା ଦେବାକୁ ସତନ୍ତ୍ର ରଣନୀତି। ଟୁର୍ଣ୍ଣାମେଣ୍ଟରେ ଭାରତକୁ ଦେବ ବିଜୟର ଗ୍ୟାରେଣ୍ଟି ଦେବ HAT। ୯ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି ଏସିଆ କପ୍। ମୈଦାନକୁ ଓହ୍ଲାଇବେ ୮ ଟିମ୍। ଏବେଠୁ ଆରମ୍ଭ ହୋଇଗଲାଣି ଅଙ୍କକଷା। ଚକ୍ରବ୍ୟୁହରେ ଫସାଇବାକୁ ଭାରତର ପ୍ଲାନ୍। ବୋଲରଙ୍କୁ ମୁହଁତୋଡ଼ ଜବାବ ଦେବେ ଭାରତୀୟ ଟିମ୍‌ର ବିସ୍ଫୋରକ ବ୍ୟାଟର୍ 'HAT'। ଇଏ ୩ ଅକ୍ଷର ନୁହେଁ ବରଂ ୩ ଖେଳାଳିଙ୍କ ନାଁ। ଯିଏ ଏହି ବର୍ଷ ଟି-୨୦ ଅନ୍ତର୍ଜାତୀୟରେ ଭାରତ ପାଇଁ ସର୍ବାଧିକ ରନ୍ କରିଛନ୍ତି। Hରେ ହାର୍ଦ୍ଦିକ ପାଣ୍ଡ୍ୟା। A- ଅଭିଷେକ ଶର୍ମା ଏବଂ T- ତିଲକ ବର୍ମା। ୨୦୨୫ ମସିହାରେ ଏପର୍ଯ୍ୟନ୍ତ ଖେଳାଯାଉଥିବା ଟି-୨୦ରେ ଭାରତ ପାଇଁ ସର୍ବାଧିକ ରନ୍ କରିଥିବା ୩ ଜଣ ବ୍ୟାଟର। ଅଭିଷେକ, ତିଲକ ଏବଂ ହାର୍ଦ୍ଦିକ।






ଏବେ ଆସନ୍ତୁ ଟି୨୦ ଅନ୍ତର୍ଜାତୀୟରେ ଏହି ତିନି ଜଣ ଭାରତୀୟ ବ୍ୟାଟରଙ୍କ ଦବଦବା ଉପରେ ନଜର ପକାଇବା। ପ୍ରଥମେ HATରେ ସାମିଲ ଦୁଇ ବାମହାତୀ ବ୍ୟାଟରଙ୍କ ବିଷୟରେ ଆଲୋଚନା କରିବା। ଅର୍ଥାତ୍ ଅଭିଷେକ ଶର୍ମା ଏବଂ ତିଲକ ବର୍ମା। ଚଳିତ ବର୍ଷ ଟି-୨୦ ଆନ୍ତର୍ଜାତୀୟ ସ୍ତରରେ ଉଭୟ ଭାରତର ସର୍ବାଧିକ ସ୍କୋରର। ଅଭିଷେକ ଶର୍ମା ୨୦୨୫ ମସିହାରେ ଖେଳାଯାଇଥିବା ୫ଟି ଟି-୨୦ ମ୍ୟାଚରେ ଭାରତ ପାଇଁ ସର୍ବାଧିକ ୨୭୯ ରନ କରିଛନ୍ତି। ସେ ଗୋଟିଏ ଶତକ ମାରିଛନ୍ତି।

ସେହିପରି ତିଲକ ବର୍ମା ମଧ୍ୟ ଏହି ବର୍ଷ ଏପର୍ଯ୍ୟନ୍ତ କେବଳ ୫ଟି ଟି-୨୦ ମ୍ୟାଚ ଖେଳିଛନ୍ତି, ଯେଉଁଥିରେ ସେ ୧୩୩ ରନ କରିଛନ୍ତି। ଏହି ସମୟରେ ତାଙ୍କର ସର୍ବାଧିକ ସ୍କୋର ୭୨ ରନର ଅପରାଜିତ ଇନିଂସ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିଷୟରେ କହିବାକୁ ଗଲେ, ସେ ୨୦୨୫ ମସିହାରେ ଭାରତ ପାଇଁ କେବଳ ୫ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ପାଣ୍ଡ୍ୟା ସେହି ୫ଟି ମ୍ୟାଚରେ ୧୧୨ ରନ କରିଛନ୍ତି, ଯେଉଁଥିରେ ୫୩ ରନ ତାଙ୍କର ସର୍ବାଧିକ ସ୍କୋର ଥିଲା।

ଅଭିଷେକ ଶର୍ମା ଏବଂ ତିଲକ ବର୍ମା ଏହି ବର୍ଷ ଟି୨୦ ଆନ୍ତର୍ଜାତୀୟ ସ୍ତରରେ ସର୍ବାଧିକ ରନ ସ୍କୋରର। ୨୦୨୩ ପରଠାରୁ ଟି୨୦ କ୍ରିକେଟରେ ଛକା ମାରିବା କ୍ଷେତ୍ରରେ ଉଭୟ ଶ୍ରେଷ୍ଠ ୩ ଭାରତୀୟଙ୍କ ମଧ୍ୟରେ ଅଛନ୍ତି। ଅଭିଷେକ ଶର୍ମା ଗତ ଦୁଇ ବର୍ଷରେ ସର୍ବାଧିକ ୧୮୨ ଛକା ମାରିଛନ୍ତି। ୨୦୨୩ ପରଠାରୁ ତିଲକ ବର୍ମା ଭାରତରେ ସର୍ବାଧିକ ଛକା ମାରିବାରେ ତୃତୀୟ ସ୍ଥାନରେ ଅଛନ୍ତି। ସେ ୧୩୫ଟି ଛକା ମାରିଛନ୍ତି।

ଏଥିରୁ ବୁଝିଯାଇଥିବେ 'HAT' ରହସ୍ୟ କ'ଣ। ଏହି ୩ ବ୍ୟାଟରଙ୍କ ଉପରେ ପୁରା ବ୍ୟାଟିଂ ଅର୍ଡର ଭରସା। ଏସିଆ କପରେ ଭାରତ ପାଇଁ ବିଜୟର ଗ୍ୟାରେଣ୍ଟି ହିଁ ଏମାନେ ଆଣିବେ। ହାର୍ଦ୍ଦିକ, ଅଭିଷେକ ଏବଂ ତିଲକ ସେମାନଙ୍କର ରନ ସ୍କୋରିଂ ଧାରା ବଜାୟ ରଖିଲେ ପ୍ରତିପକ୍ଷ ଟିମ୍‌କୁ ଦେବ ବିରାଟ ଲକ୍ଷ୍ୟ। ଏସିଆ କପରେ ଭାରତ ଏହି ରଣନୀତି କିପରି କାମ ଦେଉଛି ତାହା ଦେଖିବାକୁ ବାକି ରହିଲା।

## ଦଳାଚକଟାରେ ମୃତକଙ୍କ ସ୍ମୃତିରେ ସ୍ମାରକୀ ନିର୍ମାଣ କରିବ ଆରସିବି

### ■ ଭିଡ଼ ପରିଚାଳନା ପାଇଁ ଆଣିବ ପ୍ରୋଟୋକଲ

### ■ ଘୋଷଣାପତ୍ରରେ ଆରସିବିର ୬ ପ୍ରତିଶ୍ରୁତି

**ବେଙ୍ଗାଲୁରୁ, ୨।୯:** ବିଜୟ ସମାରୋହରେ ଦଳାଚକଟାରେ ପ୍ରାଣ ହରାଇଥିବା ପ୍ରଶଂସକଙ୍କ ସ୍ମୃତିରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଜଉଇ) ଏକ ସ୍ମାରକୀ ନିର୍ମାଣ କରିବ। ଯେଉଁଠାରେ ଆରସିବିର ବେଙ୍ଗାଲୁରୁ ଦଳାଚକଟାରେ ପ୍ରାଣ ହରାଇଥିବା ପ୍ରଶଂସକଙ୍କ ନାମ, କାହାଣୀ ଏବଂ ସମ୍ପର୍କିତ ଜିନିଷଗୁଡ଼ିକୁ ସଂରକ୍ଷିତ ରଖାଯିବ। ସୋମବାର ଦିନ ଫ୍ରାଞ୍ଚାଇଜ୍ ଏହାର ୬-ସୂତ୍ରୀ ଘୋଷଣାପତ୍ର ଜାରି କରିଛି । ଆରସିବି କେୟର୍ସ ନାମକ ଏହି ପଦକ୍ଷେପରେ କୁହାଯାଇଛି- 'ଫ୍ରାଞ୍ଚାଇଜ୍ କେବଳ ଆର୍ଥିକ ସହାୟତା ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ପ୍ରଭାବିତ ପରିବାର ଏବଂ ପ୍ରଶଂସକଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିବ।'

ଦୁଇ ଦିନ ପୂର୍ବରୁ, ଆରସିବି ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଥିଲା। ପ୍ରଥମ ଥର ପାଇଁ ଆଇପିଏଲ ଜିତିବା ପରେ ଆରସିବି ଜୁନ୍ ୪ରେ ବେଙ୍ଗାଲୁରୁରେ ଏକ ବିଜୟ ପରେଡ୍ ଆୟୋଜନ କରିଥିଲା। ଏହି ପରେଡ୍ ସମୟରେ, ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଯୋଗୁଁ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୫୦ ରୁ ଅଧିକ ଆହତ ହୋଇଥିଲେ। ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିଙ୍କ ବୟସ ୩୫ ବର୍ଷରୁ କମ୍ ଥିଲା। ୧୩ ବର୍ଷୀୟ ଦିବ୍ୟାଂଶୀ ସବୁଠାରୁ କମ ବୟସ୍କ ଥିଲେ । ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ତିନି ଜଣ କିଶୋର ଏବଂ ଛଅ ଜଣ ଯୁବକ ଥିଲେ । ସେମାନଙ୍କ ବୟସ ୨୦ ରୁ ୩୦ ବର୍ଷ ମଧ୍ୟରେ ଥିଲା।



ଦଳାଚକଟା ଦ୍ୱାରା ପ୍ରଭାବିତ ପରିବାର ଏବଂ ପ୍ରଶଂସକମାନଙ୍କୁ ଆମେ ଆର୍ଥିକ ସହାୟତା ବ୍ୟତୀତ ଅଧିକ ସହାୟତା ପ୍ରଦାନ କରିବୁ। ଆମେ ସେମାନଙ୍କୁ ଦ୍ରୁତ, ସ୍ୱଚ୍ଛ ଏବଂ ମାନବିକ ସହାୟତା ପ୍ରଦାନ କରିବୁ। ଉନ୍ନତ ଭିଡ଼ ପରିଚାଳନା ପ୍ରୋଟୋକଲ ବିକଶିତ କରିବା ପାଇଁ ଷ୍ଟାଡିୟମ କର୍ତ୍ତୃପକ୍ଷ ଏବଂ କ୍ରୀଡ଼ା ସଂସ୍ଥାଗୁଡ଼ିକ ସହିତ କାମ କରିବୁ।

ଆମେ ଗ୍ରାମାଞ୍ଚଳର ବିକାଶ ପାଇଁ ସାମାଜିକ ବିକାଶ କାର୍ଯ୍ୟକ୍ରମ ଚଲାଇବୁ।

ଗବେଷଣା ଏବଂ ତାଲିମ ମାଧ୍ୟମରେ, ପ୍ରତିବର୍ଷ ଏକ ଫ୍ୟାନ୍ ସୁରକ୍ଷା ଅଡିଟ୍ ଫ୍ରେମୱାର୍କ ପ୍ରସ୍ତୁତ କରାଯିବ। ଆମେ ଆମର ଭୂମି ଅଂଶୀଦାରମାନଙ୍କୁ ଭିଡ଼ ପରିଚାଳନା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଉପରେ ତାଲିମ ପ୍ରଦାନ କରିବୁ।

ବେଙ୍ଗାଲୁରୁରେ ଏକ ସ୍ଥାନରେ, ଆମେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରଶଂସକଙ୍କ ନାମ, କାହାଣୀ ଏବଂ ଜଡିତ ଜିନିଷଗୁଡ଼ିକୁ ସଂରକ୍ଷଣ କରିବୁ। ଏହା ଏକ ସ୍ଥାୟୀ ଶ୍ରଦ୍ଧାଞ୍ଜଳି ହେବ। ଏହି ଷ୍ଟାଡିୟମ ନିଯୁକ୍ତି ସୃଷ୍ଟି କରିବ, ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବ ଏବଂ ନୂତନ ପିଢ଼ିକୁ କ୍ରୀଡ଼ାରେ ସୁଯୋଗ ପ୍ରଦାନ କରିବ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ

## ବୀରମହାରାଜପୁର ଚମ୍ପିଆନ

**ରେଙ୍ଗାଲିକ୍ୟାମ୍ପ, ୨।୯:** ଅତାବିରା ବ୍ଲକ ଅନ୍ତର୍ଗତ ସିଲଟ ଗ୍ରାମ ଖେଳ ପଡିଆରେ ଗଣପର୍ବ ନୂଆଁଖାଇ ଅବସରରେ ମାଁ ସମଲେଶ୍ୱରୀ ଏଥଲେଟିକ୍ସ ଏସୋସିଏସନ ତରଫରୁ ଆୟୋଜିତ ଦୁଇ ଦିବସୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି । ଏଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବରଗଡ ୟୁନାଇଟେଡ ଦଳ ଓ ବୀରମହାରାଜପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବୀରମହାରାଜପୁର ଦଳ ଟ୍ରାଇବ୍ରେକର ଜରିଆରେ ୩-୦ ଗୋଲରେ ବରଗଡକୁ ହରାଇ ଚମ୍ପିଆନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଅତାବିରା ସୁରେନ୍ଦ୍ର ସାଇଁ, ବିଜେପି ମଣ୍ଡଳ ସଭାପତି ବିକାଶ ଗଡତିଆ, ବରିଷ୍ଠ ବିଜେପି ନେତା ସଦାଶିବ ପ୍ରଧାନ, ଅଶୋକ ସିଂ, ଇରା ବାବୁ ପ୍ରମୁଖ ଯୋଗଦେଇ ଚମ୍ପିଆନ ଦଳକୁ ଟ୍ରଫି ସହ ନଗଦ ୫୦ହଜାର ଟଙ୍କା ଓ ରନର୍ସ ଅଫ ଦଳକୁ ଟ୍ରଫିସହ ୩୦ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବରଗଡ ଦଳର ଅଜୟ ବୁଡାଙ୍କୁ ଏସୋସିଏସନ ତରଫରୁ ଏକ ସାଇକେଲ ପ୍ରଦାନ କରାଯାଇଥିଲା। ଜିତୁ ପାତ୍ର, ପରେଶ ପ୍ରଧାନ, ଶିବୁ ଅଗ୍ରୱାଲ, ଟିଙ୍କୁ ବଡ ପଣ୍ଡା, ସାନ୍ତା ରନବିଡା ଖେଳ ପରିଚାଳନା କରିଥିଲେ। ସମଲେଶ୍ୱରୀ ଏଥଲେଟିକ୍ସ ଏସୋସିଏସନର ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।




Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar